ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.234 Bhubaneswar Saturday November 05 2022 | ୨୫ତମ ବର୍ଷ ସଂଖ୍ୟା-୨୩୪ ଭୁବନେଶ୍ୱର, ଶନିବାର, ନଭେମ୍ବର ୦୫, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

## ଦିଲ୍ଲୀ ରାସ୍ତାକୁ ଯାଉଛି ଭୁବନେଶ୍ୱର, ଅଣନିଶ୍ୱାସୀ ହେବେ ଲୋକେ !

ଭୁବନେଶ୍ୱର,୪।୧୧(ପି.ଏନ): ଭୁବନେଶ୍ୱର ସହରର ଇନଫୋସିଟିରେ ବାୟୁର ମାନ 'ଅତି ଖରାପ'। ଲିଙ୍ଗରାଜ ମନ୍ଦିର ଓ ରିଜିଓନାଲ୍ ପ୍ଲାଂଟ୍ ଏରିଆରେ ବି 'ଖରାପ'। ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ପ୍ରଦୂଷଣ ମାପକ ଯନ୍ତ୍ରର ଏହା ହେଉଛି ତଥ୍ୟ। ଗାଡି ମଟର ଧୂଆଁ ଓ ନିର୍ମାଣ କାର୍ଯ୍ୟ ପ୍ରଦୂଷଣର ମୂଳ କାରଣ। ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ ଦ୍ୱାରା ସହରର ୧୦ଟି ସ୍ଥାନରେ ଲାଗିଥିବା ବାୟୁ ପ୍ରଦୂଷଣ ମାପକ ଯନ୍ତ୍ର ଲଗାଯାଇଛି। ନଭେମ୍ବର ୪ ତାରିଖ ଅପରାହ୍ନରେ ରବୀନ୍ଦ୍ର ମଣ୍ଡପ ପାଖରୁ ସଂଗୃହୀତ ଡିସପ୍ଲେ ବୋର୍ଡରେ ୧୦ଟି ସ୍ଥାନର ଏୟାର କ୍ୱାଲିଟି ଇଣ୍ଡେକ୍ସ-ଏକ୍ୟୁଆଇକୁ ଦେଖିଲେ ଜଣାପଡ଼ ? ଯେ, ଏୟାର କ୍ୱାଲିଟି ଇଣ୍ଡେକ୍ସ-ଏକ୍ୟୁଆଇର ସ୍ତର ୦ରୁ ୫୦୦ ଭିତରେ ୬ ଭାଗରେ ବିଭକ୍ତ କରାଯାଇଛି। ପ୍ରଦୂଷଣ ସ୍ତରକୁ ଦେଖି ୦-୫୦ ଭିତରେ ଥିବା ବାୟୁର ମାନ ଭଲ ଓ ଏଥିପାଇଁ ନୀଳ ଚିହ୍ନ ବ୍ୟବହାର କରାଯାଏ। ୫୧-୧୦୦ ଚଳନୀୟ ବା ମଡରେଟ, ୧୦୧ରୁ ୧୫୦ କେତେକ ରୋଗୀଙ୍କ ପାଇଁ ଅସ୍ୱାସ୍ଥ୍ୟକର ଓ ନାଲି ଚିହ୍ନରେ ଥିବା ୧୫୧ରୁ ୨୦୦ ସ୍ତର ଅସ୍ୱାସ୍ଥ୍ୟକର, ୨୦୧ରୁ ୩୦୦ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର, ୩୦୧ରୁ ଅଧିକ ମାତ୍ରାକୁ ମାରାତ୍ମକ ସ୍ତରରେ ରଖାଯାଇଛି। ୨୦୦ରୁ ଅଧିକ




ଏକ୍ୟୁଆଇରେ ବାହାରେ ଖେଳାଖେଳି ନ କରିବାକୁ କୁହାଯାଇଥିବା ବେଳେ ୩୦୦ ପରେ ବାହାରକୁ ନଯିବା ଉଚିତ ବୋଲି କୁହାଯାଇଛି।ଏପରିସ୍ଥଳେ ଭୁବନେଶ୍ୱର ପାଇଁ ଇନଫୋସିସ ଅଂଚଳରେ ଏକ୍ୟୁଆଇ ୩୦୦ ଉପରକୁ ଯିବା ଓ ଲିଙ୍ଗରାଜ ମନ୍ଦିର ସହ ଆଚାର୍ଯ୍ୟ ବିହାର ପାଖ ରିଜିଓନାଲ ପ୍ଲାଂଟ ଅଂଚଳରେ ଏକ୍ୟୁଆଇ ମାତ୍ରା ୨୦୦ ଟପିବା ଚିନ୍ତାର ବିଷୟ ହୋଇଛି।ଭୁବନେଶ୍ୱରରେ ପ୍ରଦୂଷଣ ନିଶ୍ଚିତ ବ ?ୁଛି ଓ ଏହା ଚିନ୍ତାଜନକ। ପ୍ରଦୂଷଣର ମୂଳ ସ୍ରୋତକୁ ନିୟନ୍ତ୍ରଣ କରିବାକୁ ପଡିବ ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟ ପରିବେଶ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ସରୋଜ ସାହୁ କହିଛନ୍ତି। ସେହିଭଳି ଭୁବନେଶ୍ୱରରେ ରାସ୍ତା ଓ କୋଠା ନିର୍ମାଣ ସହ ଗାଡି ଚଳାଚଳ ଉପରେ ନିୟନ୍ତ୍ରଣ ନ ଆଣିଲେ ଭୁବନେଶ୍ୱର ସହର ଦିଲ୍ଲୀ ଅବସ୍ଥାକୁ ଗତି କରିବ ବୋଲି ପରିବେଶବିତ୍ ତରାନା ଆହଦ ସୟେଦ କହିଛନ୍ତି।ଦିଲ୍ଲୀରେ ବାୟୁ ପ୍ରଦୂଷଣର ମାତ୍ରା ବା ଏୟାର କ୍ୱାଲିଟି ଇଣ୍ଡେକ୍ସ ୪୦୦ ଟପିଯିବା ପରେ ଲୋକଙ୍କ ଆଖି, କାନ ଓ ନାକରେ ଜ୍ୱଳନ ଦେଖାଦେଉଛି। ବାୟୁ ପ୍ରଦୂଷଣ ମାରାତ୍ମକ ସ୍ତରରେ ପହଁଚିଥିବାରୁ ବାଧ ହୋଇ ସରକାର ପ୍ରାଥମିକ ସ୍କୁଲକୁ ଛୁଟି କରିବା ସହ ଅଧା ସରକାରୀ କର୍ମଚାରୀଙ୍କୁ ଘରେ ରହି କାମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।ଶୀତ ଦିନେ ସାଧାରଣତଃ ବାୟୁମଣ୍ଡଳରେ ଅଧିକ ପାର୍ଟିକୁଲେଟ ମ୍ୟାଟର ବା ଧୂଳିକଣା ବୁଲିଥାଏ। ସାଧାରଣତଃ ପାର୍ଟିକୁଲେଟ ମ୍ୟାଟର ଦୁଇ ପ୍ରକାର ରହିଥାଏ- ପିଏମ୍-୨.୫ ଓ ପିଏମ୍-୧୦। ପିଏମ୍-୨.୫ କହିଲେ ଯେଉଁ ଧୂଳିକଣାର ଆକାର ୧ ମିଟରର ୧୦ ଲକ୍ଷ ଭାଗରୁ ଭାଗେ। ଅନ୍ୟ ଅର୍ଥରେ କହିଲେ ଚୁଟି ମୋଟେଇର ପ୍ରାୟ ୩୦ ଭାଗରୁ ଭାଗେ। ଏହା ଫୁସଫୁସରେ ଦେଇ ରକ୍ତରେ ମିଶିଯିବାର ଆଶଙ୍କା ଥାଏ। ପିଏମ୍-୧୦ ତା'ଠାରୁ ୪ଗୁଣ ବଡ ହୋଇଥିବା ବେଳେ ଭୁବନେଶ୍ୱରରେ ପିଏମ୍-୧୦ ଧୂଳିକଣା ଅଧିକ ବୁଲୁଥିବା ଦେଖାଯାଉଛି। ରାଜଧାନୀରେ ଅଧିକ ଗାଡ଼ି ଚଳାଚଳ ଓ ନିର୍ମାଣ କାର୍ଯ୍ୟ ଯୋଗୁଁ ବାୟୁମଣ୍ଡଳରେ ଅଧିକ ଧୂଳିକଣା ଦେଖାଯାଉଛି। ଏପରିସ୍ଥଳେ ଭୁବନେଶ୍ୱରର ବାୟୁ ପ୍ରଦୂଷଣ କମ କରିବା ପାଇଁ ପଦକ୍ଷେପ ନେବାକୁ ପଡିବ ବୋଲି ବିଶେଷଜ୍ଞମାନେ କହିଛନ୍ତି।

## ଧାମନଗରରେ ୬୮.୯୮% ଭୋଟିଂ

ଭୁବନେଶ୍ୱର,୪।୧୧(ପି.ଏନ): ଧାମନଗର ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ଗୁରୁବାର ଶେଷ ହୋଇଛି। ଆସନ୍ତା ୬ ତାରିଖରେ ଭୋଟ୍ ଗଣତି ପରେ ଫଳାଫଳ ପ୍ରକାଶ ପାଇବ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଧାମନଗରରେ ମୋଟ ୬୮.୯୮ ପ୍ରତିଶତ ମତଦାନ ହୋଇଛି। ଗତକାଲି ନିର୍ବାଚନ ମଣ୍ଡଳୀରେ ମୋଟ ୨୫୨ଟି କେନ୍ଦ୍ରରେ ଭୋଟ ଗ୍ରହଣ କରାଯାଇଥିଲା। ଉପନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିବା ୫ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ନିର୍ବାଚନରେ ତିନି ପ୍ରମୁଖ ରାଜନେ ?ତିକ ଦଳ ମଧ୍ୟରୁ ବିଜେପିର ସୂର୍ଯ୍ୟବଂଶୀ ସୂରଜ ସ୍ଥିତପ୍ରଜ୍ଞ, ବିଜେଡିର ଅବନ୍ତୀ ଦାସ, କଂଗ୍ରେସର ବାବା ହରେକୃଷ୍ଣ ସେଠୀ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜେନ୍ଦ୍ର ଦାସ ଓ ପବିତ୍ରମୋହନ ଦାସ ମଇଦାନରେ ରହିଛନ୍ତି। ଏହି ନିର୍ବାଚନରେ ବିଶେଷ କରି ବିଜେପି ଓ ବିଜେଡି ମଧ୍ୟରେ ଲଢ଼େଇ ହୋଇଥିବା ଚର୍ଚ୍ଚା ହେଉଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର ଦାସ ମଧ୍ୟ ନିର୍ଣ୍ଣାୟକ ଭୂମିକା ନେବେ ବୋଲି ଆଲୋଚନା ହେଉଛି।

## ନଭେମ୍ବର ୨୪ରୁ ବିଧାନସଭା ଅଧିବେଶନ

### ୩୩ଟି କାର୍ଯ୍ୟଦିବସ , ପ୍ରଥମ ଦିନରେ ଉପସ୍ଥାପିତ ହେବ ଅତିରିକ୍ତ ବ୍ୟୟ ତାଲିକା

ଭୁବନେଶ୍ୱର, ୪।୧୧(ପି.ଏନ): ଷୋଡ଼ଶ ବିଧାନସଭାର ଏକାଦଶ ଅଧିବେଶନ ଚଳିତ ନଭେମ୍ବର ୨୪ରୁ ଆରମ୍ଭ ହୋଇ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଅଧିବେଶନ ଆରମ୍ଭ ହେବା ପୂର୍ବରୁ ସର୍ବଦଳୀୟ ବୈଠକ ଡକାଯାଇ ବିଧାନସଭା ଅଧିବେଶନ ନିମନ୍ତେ ମାର୍ଗଦର୍ଶିକା ଏବଂ ଏ ସଂକ୍ରାନ୍ତୀୟ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ନିଷ୍ପତି ନିଆଯିବ ବୋଲି ବାଚସ୍ପତି ଶ୍ରୀ ବିକ୍ରମ କେଶରୀ ଆରୁଖ ପ୍ରକାଶ କରିଛନ୍ତି। ପ୍ରତି କ୍ୟାଲେଣ୍ଡର ବର୍ଷରେ ୬୦ ଦିନ ବିଧାନସଭାର ବୈଠକ ବସିବାର ନିୟମ ରହିଛି । ବର୍ତ୍ତମାନ ସୁଦ୍ଧା ୨୦୨୨ ବର୍ଷରେ ୨୭ ଦିନ ବିଧାନସଭାର ବୈଠକ ବସିସାରିଛି। ଏଣୁ ଅବଶିଷ୍ଟ ୩୩ ଦିନ ପାଇଁ ଏହି ଅଧିବେଶନ ବସିବା ନିମନ୍ତେ ସ୍ଥିର କରାଯାଇଛି ବୋଲି ବାଚସ୍ପତି ଶ୍ରୀ ଆରୁଖ କହିଛନ୍ତି । ବାଚସ୍ପତିଙ୍କ ନିର୍ଦ୍ଦେଶରେ ବିଧାନସଭା ସଚିବଦାଶରଥୀ ଶତପଥୀ ବିଧାନସଭା ଅଧିବେଶନର କାର୍ଯ୍ୟନିର୍ଘଂଟ ବାବଦରେ ସମସ୍ତ ସଦସ୍ୟ, ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ, ଆଡ୍‌ଭୋକେଟ୍ ଜେନେରାଲ୍, ଲୋକସଭା ସଚିବାଳୟର ସେକ୍ରେଟାରୀ ଜେନେରାଲ୍, ଭାରତ ନିର୍ବାଚନ ଆୟୋଗଙ୍କ ସଚିବ, କେନ୍ଦ୍ର ଆଇନ ମନ୍ତ୍ରଣାଳୟ ଏବଂ ଅନ୍ୟ ସଂପୃକ୍ତ କାର୍ଯ୍ୟାଳୟଙ୍କୁ ଅବଗତ କରାଇଛନ୍ତି । ଏହି ଅଧିବେଶର ମୋଟ ୩୩ଟି କାର୍ଯ୍ୟଦିବସ ମଧ୍ୟରୁ ୬ଟି ବେସରକାରୀ ସଭ୍ୟଙ୍କ କାର୍ଯ୍ୟଦିବସ ଓ ୨୭ଟି ସରକାରୀ କାର୍ଯ୍ୟଦିବସ ରହିଛି । ପ୍ରଥମ ଦିବସରେ ଦୁଇଜଣ ଆସୀନ ସଦସ୍ୟ ସ୍ୱର୍ଗତ ବିଷ୍ଣୁଚରଣ ସେଠୀ ଏବଂ ସ୍ୱର୍ଗତ ବିଜୟ ରଞ୍ଜନ ସିଂବରିହାଙ୍କ ସମେତ ଅନ୍ୟାନ୍ୟ ଦିବଂଗତ ପୂର୍ବତନ ସଦସ୍ୟମାନଙ୍କ ବିୟୋଗରେ ଶୋକପ୍ରସ୍ତାବ ଆଗତ କରାଯିବା ସହ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବ୍ୟୟ ତାଲିକା ଉପସ୍ଥାପିତ ହେବ । ନଭେମ୍ବର ୩୦ ତାରିଖ ଓ ଡିସେମ୍ବର ୧ ତାରିଖ ଦିନ ଅତିରିକ୍ତ ଖର୍ଚ୍ଚ ଦାବି ଉପରେ ଆଲୋଚନା କରାଯିବ ଏବଂ ଡିସେମ୍ବର ୨ ତାରିଖ ଦିନ ବିନିୟୋଗ ବିଲ୍ ପାରିତ କରାଯିବ ।

## ଏମ୍ସରୁ ୧୨ ଜଣ ଦଲାଲଙ୍କୁ ଗିରଫ କଲା କମିଶନରେଟ ପୋଲିସ

ଭୁବନେଶ୍ୱର, ୪।୧୧(ପି.ଏନ): ଖଣ୍ଡଗିରି ପୋଲିସ ଭୁବନେଶ୍ୱର ଏମ୍ସରୁ ୧୨ ଦଲାଲଙ୍କୁ ପୁଲିସ ଗିରଫ କରିଥିବା ଜଣା ପଡିଛି । ଡାକ୍ତରଖାନାକୁ ଦଲାଲ ମୁକ୍ତ କରିବା ଉଦ୍ଦେଶ୍ୟରେ ଚଳା ଯାଇଥିବା ଅଭିଯାନରେ ଏମାନଙ୍କୁ ଗିରଫ କରାଯାଇଛି। ପୋଲିସ ପକ୍ଷରୁ ଏବେ ଧରପଗଡ଼ ଜାରି ରହିଛି। ଆଗକୁ ଦଲାଲଙ୍କ ଗିରଫଦାରୀ ସଂଖ୍ୟା ବଢିବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।ଅନ୍ୟପକ୍ଷରେ ଏମସ୍ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ କହିଛନ୍ତି ଭୁବନେଶ୍ୱର ଏମସ୍ ରେ ଦଲାଲଙ୍କ ପ୍ରାଦୁର୍ଭାବ ରହିଛି। ଦଲାଲମାନେ ବାହାରେ ଟିକେଟ ବିକୁଛନ୍ତି। ଲୋକଙ୍କୁ ହଇରାଣ କରୁଛନ୍ତି। କିନ୍ତୁ ଦଲାଲି କାରବାରରେ ଏମସ୍ କର୍ମଚାରୀଙ୍କ ସଂପୃକ୍ତି ସୂଚନା ନାହିଁ। ଏମସ୍ କର୍ମଚାରୀଙ୍କ ସଂପୃକ୍ତି ଜଣାପଡ଼ିଲେ ଦୃଢ କାର୍ଯ୍ୟାଷ୍ଠାନ ନିଆଯିବ।

## ୫ଟି ସଚିବଙ୍କ ବାସଭବନ ଆଗରେ ଅନଶନ କରିବ ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୪।୧୧(ପି.ଏନ): ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ପ୍ରଦେଶ ଛାତ୍ର କଂଗ୍ରେସର କର୍ମକର୍ତାମାନେ ୫ଟି ସଚିବ ଭି. କାର୍ତିକେୟନ ପାଣ୍ଡିଆନଙ୍କ ବାସଭବନ ସମ୍ମୁଖରେ ଆମରଣ ଅନଶନ କରିବେ। ଶୁକ୍ରବାର ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଶ୍ରୀ ନୱାଜ କହିଛନ୍ତି ଜିଲ୍ଲା ପରିଷଦ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ଘଟଣାରେ ସଂପୃକ୍ତ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସଙ୍କ ଉପରେ ପୋଲିସ ପ୍ରଶାସନ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନେଇପାରି ନାହିଁ। ମାତ୍ର ଗଣଶିକ୍ଷାମନ୍ତ୍ରୀ ସମୀର ଦାସଙ୍କ ବହିଷ୍କାର ଏବଂ ଗିରଫ ଦାବୀରେ ନବୀନ ନିବାସ ଏବଂ ଗୃହରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତୀ ବେହେରାଙ୍କ ବାସଭବନ ଘେରାଉ କରିଥିବା ଛାତ୍ରକଂଗ୍ରେସ ନେତୃମଣ୍ଡଳୀଙ୍କ ଉପରେ ୩୦୭ ଭଳି ସଂଗୀନ ଦଫା ଲଗାଯାଇଛି। ଛାତ୍ର କଂଗ୍ରେସ ଗଣତାନ୍ତ୍ରିକ ପ୍ରକିୟାରେ ଏହି ଆନ୍ଦୋଳନ କରିଥିଲା। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସରକାରଙ୍କର ଦୋଷ, ତ୍ରୁଟି, ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ସ୍ୱରଉତୋଳନ କରିବାର ଅଧିକାର ବିରୋଧି ଦଳର ରହିଛି। ଏହି ଅଧିକାରକୁ ନବୀନ ସରକାର ବା ପୋଲିସ ଛଡ଼େଇ ନେବାପାଇଁ ଉଦ୍ୟମ ଜାରି ରଖିଛନ୍ତି।୫ଟି ସଚିବ ଭିକେ ପାଣ୍ଡିଆନ ପ୍ରଶାସନର ସ୍ୱଚ୍ଛତା ଓ ନିରପେକ୍ଷତା ଦାୟାତ୍ୱ ନେଇଛନ୍ତି। ପ୍ରଦେଶ ଛାତ୍ର କଂଗ୍ରେସ ସମସ୍ତ ନେତାଙ୍କ ନାମରେ ରୁଜୁ ହୋଇଥିବା ୩୦୭ ଦଫା (ହତ୍ୟା ଉଦ୍ୟମ) ପ୍ରତ୍ୟାହାର, ମନ୍ତ୍ରୀ ସମୀର ଦାସଙ୍କୁ ମନ୍ତ୍ରୀ ପଦରୁ ବହିଷ୍କାର ଏବଂ ଏହି ମାମାଲାରେ ତଦନ୍ତ ପରିଷର ଭୁକ୍ତ କରାନଗଲେ ୫ଟି ସଚିବଙ୍କ ବାସଭବନ ଆଗରେ ଛାତ୍ର କଂଗ୍ରେସ ଆମରଣ ଅନଶନ ଜାରି ରଖିବ। ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖ୍ୟ ମୁଖପାତ ବିଶ୍ୱଭୂଷଣ ମହାପାତ୍ର, ବିଭୁତି ଭୂଷଣ ମହାପାତ୍ର, ଭାଗ୍ୟଶ୍ରୀ ମହାନ୍ତି ଓ ସ୍ନେହା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ନକଲି ଗୁଟଖା କାରଖାନା ଠାବ : ୨ ଗିରଫ

ଗଞ୍ଜାମ, ୪।୧୧(ପି.ଏନ): ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ପୋଲିସ ଆଜି ଏକ ନକଲି ଗୁଟଖା କାରଖାନା ଉପରେ ଚଢ଼ଉ କରିଛି । ସୋରଳ ଗ୍ରାମ ସ୍ଥିତ ଓଡିଆରପି କଲୋନୀରେ ଚାଲିଥିବା ଏକ ନକଲି ଗୁଟଖା କାରଖାନା ଉପରେ ଚଢ଼ଉ କରି ସେଠାରୁ ବିପୁଳ ପରିମାଣର ଗୁଟଖା ଜବତ କରିବା ସହ ଘଟଣାରେ ୨ ଜଣଙ୍କୁ ଗିରଫ କରିଛି ପୋଲିସ । ଗିରଫ ଦୁଇ ଅଭିଯୁକ୍ତ ହେଲେ ବ୍ରହ୍ମପୁର ଗାନ୍ଧିନଗରର ଶ୍ରୀକାନ୍ତ ଦାଶ ଓ ସୋରଳର ସନ୍ତୋଷ ମହାରଣା । ଏ ସଂକ୍ରାନ୍ତରେ ଗୋଳନ୍ଥରା ଥାନାରେ ୪୦୩/୨୨ ରେ ମାମଲା ରୁଜୁ ହୋଇଛି ଏବଂ ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ।

## ପଞ୍ଚୁକ ଆରମ୍ଭରୁ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁ କଳବଳ, ଭରତ୍ଚୁଆଲରେ ଦର୍ଶନ ଦେଲେ ବାବା ଧବଳେଶ୍ୱର

ପୁରୀ/ଆଠଗଡ,୪।୧୧(ପି.ଏନ): ଗତ ୮ ଦିନ ଭିତର ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ସମ୍ମୁଖ ଭିତରକାଠ ପାଖରେ ୩ ଥର ପଡିଲାଣି ରକ୍ତ ଛିଟା। ଗତମାସ ୨୭ ତାରିଖ, ୨୯ ତାରିଖ ଓ ଗତକାଲି ଘଟିଛି ଏହି ଘଟଣା। ତେଣୁ ଠାକୁରଙ୍କ ମହାସ୍ନାନ ନୀତି ସହ ଅନ୍ୟାନ୍ୟ ନୀତି ପୁନଃ କରିବାକୁ ପଡୁଛି। ଏଭଳି ଅଘଟକୁ ନେଇ ସବୁଠି ଆଲୋଚନା ଲାଗି ରହିଥିବା ବେଳେ ଆଜି ପଞ୍ଚୁକର ପ୍ରଥମ ଦିନରେ ଶ୍ରୀଜୀଉମାନଙ୍କ ଦର୍ଶନରେ ଶ୍ରଦ୍ଧାଳୁଙ୍କୁ ଭୋଗିବାକୁ ପଡିଛି ନାହିଁ ନ ଥିବା ଯନ୍ତ୍ରଣା। ଘଣ୍ଟାଘଣ୍ଟା ଧରି ଠିଆ ହୋଇ ଅପେକ୍ଷା କରିଛନ୍ତି ପିଲା ଠାରୁ ବୟସ୍କ ସମସ୍ତେ। ଶ୍ରୀମନ୍ଦିର ସିଂହଦ୍ୱାର ଓ ପଶ୍ଚିମଦ୍ୱାର ଦେଇ ପୂର୍ବରୁ ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କ ଦର୍ଶନ ନିମନ୍ତେ ଭିତରକୁ ପ୍ରବେଶ କରିପାରୁଥିବା ବେଳେ ଆଜି ଠାରୁ ହଠାତ୍ ପଶ୍ଚିମଦ୍ୱାରକୁ ଶ୍ରଦ୍ଧାଳୁଙ୍କ ପ୍ରବେଶ ନିମନ୍ତେ ବନ୍ଦ କରି ଦିଆଯାଇଥିଲା। ତେଣୁ ଏକମାତ୍ର ସିଂହଦ୍ୱାର ଦେଇ ଶ୍ରଦ୍ଧାଳୁଙ୍କୁ ପ୍ରବେଶ ବ୍ୟବସ୍ଥା କରାଯିବା ପ୍ରବଳ ଭିଡ ସାଙ୍ଗକୁ ଠେଲାପେଲାର କାରଣ ହୋଇଥିଲା।ଶ୍ରୀମନ୍ଦିରରେ ଆଜି ଠାକୁରଙ୍କୁ ଲକ୍ଷ୍ମୀ ନାରାୟଣ ବେଶ କରାଯାଇଥିଲା। ଠାକୁରଙ୍କ ଏହି ଦିବ୍ୟ



ଦର୍ଶନ ପାଇଁ ଅସମ୍ଭବ ଭିଡ଼ ହୋଇଥିଲା। ସକାଳୁ ସଞ୍ଜ ଯାଏଁ ମରିଚିକୋଟ୍ ଛକ ଯାଏଁ ବ୍ୟାରିକେଡ୍ ଜାମ୍ ହୋଇ ରହିଥିଲା। ନୀତିକାନ୍ତିରେ ବିଳମ୍ବ ସାଙ୍ଗକୁ ଦ୍ୱିତୀୟ ଭୋଗମଣ୍ଡପ ଉଠିବାରେ ଅହେତୁକ ବିଳମ୍ବ ଶ୍ରୀମନ୍ଦିର ଭିତରେ ଅସମ୍ଭବ ଭିଡ ସୃଷ୍ଟି କରିଥିଲା।ପଞ୍ଚୁକରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଜମିକୁ ଦୃଷ୍ଟିରେ ରଖି ଆଜି ଭୋର୍ ୩ଟାରେ ଦ୍ୱାରଫିଟା ନୀତି ହେବାର ଥିଲା। ହେଲେ ତାହା ସଂପନ୍ନ ହେଲାବେଳକୁ ସକାଳ ୫ଟା ୨୫ ବାଜିଗଲା। ସେମିତି ଠାକୁରଙ୍କ ମଙ୍ଗଳ ଆଳତୀ ଭୋର ୪ଟା ପରିବର୍ତ୍ତ ? ସକାଳ ୬ଟା ୫ରେ ହେଲା। ଫଳରେ ରାତି ଅନ୍ଧାରରୁ ଲାଇନ୍ ?ରେ ଛିଡ଼ା ହୋଇଥିବା ଭକ୍ତଙ୍କୁ ମନ୍ଦିର ପ୍ରବେଶ ପାଇଁ ପ୍ରାୟ ଅଢେଇ ଘଣ୍ଟା ଲାଗି ଗଲା। ପୁରୀ ସହରବାସୀ ମଧ୍ୟ ଏଭଳି ହିନସ୍ତାରୁ ନିସ୍ତାର ପାଇ ପାରି ନ ଥିଲେ। ତେବେ ଭକ୍ତଙ୍କ ପାଇଁ ଅପେକ୍ଷା ଅଧିକ ଯନ୍ତ୍ରଣାଦାୟକ ହୋଇଥିଲା ଗୋପାଳ ବଲ୍ଲଭ ଓ ବାଲଧୂପ ସମୟରେ। ସକାଳ ସାଢେ ୭ଟାରୁ ୮ଟା ଭିତରେ ଲକ୍ଷ୍ମୀ ନାରାୟଣ ବେଶ ଶେଷ ହେବାକୁ ନିର୍ଘଣ୍ଟ ଥିଲେ ବି ତାହା ସଂପନ୍ନ ହେବାକୁ ସକାଳ ସାଢେ ୧୦ଟା ବାଜି ଯାଇଥିଲା।ଆସନ୍ତାକାଲି ଠାକୁରଙ୍କ ବାଙ୍କଚୁଡ଼ ବେଶ। ପରବର୍ତ୍ତି ଦିନ ମାନଙ୍କରେ ଠାକୁରଙ୍କ ତ୍ରିବିକ୍ରମ ବେଶ, ପୂର୍ଣ୍ଣମୀରେ ସୁନାବେଶ ହେବାକୁ ରହିଛି। ତେଣୁ ସଅଳ ନୀତି ସାଙ୍ଗକୁ ଦର୍ଶନ ବ୍ୟବସ୍ଥା ନସଜାଡ଼ିଲେ ସ୍ଥିତି ଆହୁରି ଅସମ୍ଭାଳ ହେବା ନିଶ୍ଚିତ।ସେପଟେ ଜଗନ୍ନାଥ ଧାମ ହେଉ କି ଧବଳେଶ୍ୱର ପୀଠ, ପଞ୍ଚୁକରେ ସବୁଠି ଠାକୁରଙ୍କୁ ଦର୍ଶନ କରିବା ଶ୍ରଦ୍ଧାଳୁଙ୍କୁ ଯନ୍ତ୍ରଣା ଭୋଗିବାକୁ ପଡିଛି। ବାବା ଧବଳେଶ୍ୱରଙ୍କୁ ଭରତ୍ଚୁଆଲରେ ଦର୍ଶନ କରିଛନ୍ତି ଶ୍ରଦ୍ଧାଳୁ। ଯାହାକୁ ନେଇ ପ୍ରଶାସନ ଉପରେ ଶ୍ରଦ୍ଧାଳୁ ଖପ୍ପା।ଯେଉଁ ସମୟରେ ଲକ୍ଷ ଲକ୍ଷ ଭକ୍ତଙ୍କ କୋଳାହଳରେ ସ୍ଥାନ ଫାଟି ପଡ଼ିବା କଥା, ସେଠି ପରିବେଶ ଖାଁ ଖାଁ ରହିଥିଲା।

## ଉପନିର୍ବାଚନ ଫଳାଫଳ ଗୁରୁତ୍ୱପୂର୍ଣ୍ଣ କାହିଁକି ?

ଭୁବନେଶ୍ୱର,୪।୧୧(ପି.ଏନ): ନଭେମ୍ବର ୩ ତାରିଖରେ ଓଡିଶାର ଧାମନଗର ସମେତ ଦେଶର ୬ଟି ରାଜ୍ୟରେ ଯେଉଁ ୭ଟି ଉପନିର୍ବାଚନ ହୋଇଛି ତାହାର ଫଳାଫଳ ଓଡିଶା, ତେଲେଙ୍ଗାନା ଓ ବିହାର ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଉଛି। ଓଡିଶାରେ ଶାସନ କ୍ଷମତାରେ ଥିବା ବିଜୁ ଜନତା ଦଳ ଗତ ୨୨ ବର୍ଷ ହେଲା ରାଜ୍ୟ କ୍ଷମତାରେ ରହିଛି। ୨୦୧୯ ନିର୍ବାଚନରେ ବିଜେପି ଏକ ପ୍ରମୁଖ ବିରୋଧୀ ଦଳ ଭାବରେ ୨୧ରୁ ୮ଟି ଲୋକସଭା ଆସନ ହାସଲ କରିଥିଲା ଓ ପ୍ରଥମ ଥର ପାଇଁ ରାଜ୍ୟ ବିଧାନସଭାରେ ୨୩ଟି ଆସନ ପାଇ ମୁଖ୍ୟ ବିରୋଧୀ ଦଳର ମର୍ଯ୍ୟାଦା ହାସଲ କରିଥିଲା। କିନ୍ତୁ ୨୦୧୯ ପରେ ରାଜ୍ୟରେ ଯଦି ପାଟକୁରାକୁ ହିସାବ କରାଯାଏ ତେବେ ହୋଇଥିବା ୬ଟି ଉପନିର୍ବାଚନରେ ବିଜେଡି ସିଧାସଳଖ ବିଜୟ ହାସଲ କରିଛି। ସେଥିମଧ୍ୟରୁ ୨୦୧୯ରେ ବିଜେପି ପାଇଥିବା ବାଲେଶ୍ୱର ଆସନ ଯେଉଁଠାରେ ଲୋକସଭା ସଦସ୍ୟ ମଧ୍ୟ ବିଜେପିରେ ଅଛନ୍ତି ସେଠାରେ ଦେହାନ୍ତ ହୋଇଥିବା ବିଜେପି ବିଧାୟକଙ୍କ ପୁତ୍ର ଦଳର ପ୍ରାର୍ଥୀ ହୋଇଥିଲେ ମଧ୍ୟ ବିଜେଡି ସେହି ଆସନକୁ ଦଖଲ କରିନେଇଥିଲା।



ଅନ୍ୟ ଆସନଗୁଡିକ ବିଜେଡି ହାତରେ ଥିଲା। ତେଣୁ ସେହିସବୁ ସ୍ଥାନରେ ବିଜେଡିର ବିଜୟ ସେତେ ଗୁରୁତ୍ୱପୂର୍ଣ୍ଣ ନଥିଲା। ଧାମନଗର ଆସନରେ ବିଜେପିର ବିଧାୟକ ଯିଏକି ବିଧାନସଭାରେ ବିରୋଧୀ ଦଳର ଉପନେତା ଥିଲେ ତାଙ୍କର ଅକାଳ ବିୟୋଗ ଯୋଗୁ ସେଠାରେ ହେଉଥିବା ଉପନିର୍ବାଚନରେ ତାଙ୍କର ପୁତ୍ର ଯାହାଙ୍କର ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ମଧ୍ୟ ରହିଛି ସେ ଦଳର ପ୍ରାର୍ଥୀ ହୋଇଛନ୍ତି। ଅପରପକ୍ଷରେ ପ୍ରଥମଥର ପାଇଁ ଉପନିର୍ବାଚନରେ ଶାସକ ବିଜେଡି ପକ୍ଷରୁ ୨୦୧୯ରେ ପ୍ରାର୍ଥୀ ହୋଇଥିବା ଓ ପୂର୍ବରୁ ବିଧାୟକ ଥିବା ପ୍ରାର୍ଥୀଙ୍କୁ ଏଡାଇ ଜଣେ ମହିଳା ପ୍ରାର୍ଥୀଙ୍କୁ ଛିଡା କରାଯିବା ଫଳରେ ସେ ତାଙ୍କ ବିରୋଧରେ ବିଦ୍ରୋହ ଘୋଷଣା କରି ସ୍ୱାଧୀନ ପ୍ରାର୍ଥୀ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ଶାସକ ବିଜେଡିରେ କୌଣସି ଉପନିର୍ବାଚନରେ ଏପରି ବିଦ୍ରୋହ ଓ ସ୍ୱାଧୀନ ପ୍ରାର୍ଥୀ ହେବା ଘଟଣା ପ୍ରଥମ ହୋଇଥିବାରୁ ଧାମନଗର ଉପନିର୍ବାଚନ ଫଳାଫଳ ବିଜେଡି ବିରୋଧରେ ଯିବାର ସମ୍ଭାବନା ରହିବା ସ୍ୱାଭାବିକ। କଂଗ୍ରେସ ଗତ କେତେବର୍ଷ ହେଲା ଯେଉଁ ଭୂମିକା ନେଉଥିଲା ତାହାର ଏକ ବ୍ୟତିକ୍ରମ ଧାମନଗରରେ ହେବ ବୋଲି ଆଶା କରାଯାଇଥିଲା। କାରଣ ରାଜ୍ୟରେ ପ୍ରଦେଶ କଂଗ୍ରେସ କମିଟିର ନୂଆ ସଭାପତି ହେବା ପରେ ବ୍ରଜରାଜନଗର ଉପନିର୍ବାଚନରେ ଦଳ ଯେପରି ପ୍ରଦର୍ଶନ କରିଥିଲା ଏବଂ ଜାତୀୟ ସ୍ତରରେ ରାହୁଳ ଗାନ୍ଧୀଙ୍କର ଭାରତ ଯାତ୍ରାର ପ୍ରଭାବ ସହିତ ସାଂଗଠନିକ ନିର୍ବାଚନ ଜରିଆରେ ଏଆଇସିସିର ନୂଆ ସଭାପତି ନିର୍ବାଚିତ ହେବା ଘଟଣା ଦଳର କର୍ମୀମାନଙ୍କୁ ଉତ୍ସାହିତ କରିବ ବୋଲି ହିସାବ କରାଯାଉଥିଲା। ଧାମନଗର ଉପନିର୍ବାଚନ ମଣ୍ଡଳୀରେ ପ୍ରାୟ ୧୮ ହଜାର ସଂଖ୍ୟାଲଘୁ ଭୋଟର ଥିବାରୁ କଂଗ୍ରେସ ଗତ ନିର୍ବାଚନ ତୁଳନାରେ ଏଥର ଭଲ ପ୍ରଦର୍ଶନ କରିବ ବୋଲି ଆଶା ଥିବାରୁ ଏବଂ ବିଜେପି ପକ୍ଷରୁ କ୍ରମାଗତ ଉପନିର୍ବାଚନ କରାଯିବା ପରେ ଧାମନଗରରେ ପୂର୍ଣ୍ଣ ଶକ୍ତି ବିନିୟୋଗ କରାଯାଇଥିବାରୁ ବିଜେଡି ସ୍ୱାଭାବିକ ଭାବରେ ସେଠାରେ ଉପନିର୍ବାଚନ ଜିତିବା କଷ୍ଟସାଧ୍ୟ ହେବ ବୋଲି ହିସାବ କରାଯାଉଥିଲା।ବିଜେପି ନେତୃତ୍ୱ ଭଲଭାବରେ ଜାଣିଥିଲେ ଯେ, ଧାମନଗର ପାଇଁ ଉପକୂଳ ଜିଲ୍ଲାରେ ଥିବା ଏକ ଆସନରେ ଯଦି ନିଜର ଆସନକୁ ଏହା ଉପନିର୍ବାଚନରେ ରକ୍ଷା କରିନପାରେ ତେବେ ୧୮ ମାସ ପରେ ରାଜ୍ୟରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ଏହା ବିଜେଡିର ମୁକାବିଲା କରିବା ଅତ୍ୟଧିକ କଷ୍ଟସାଧ୍ୟ ହୋଇଯିବ। ସେହିପରି ବିଜେଡିର ମୁଖ୍ୟ ଭାବରେ ନବୀନ ପଟ୍ଟନାୟକ ରହିଥିଲେ ମଧ୍ୟ ଦଳର ବାସ୍ତବ ନେତୃତ୍ୱ ଆଉ ପୁରୁଣା ନେତାମାନଙ୍କ ହାତରେ ନରହି ଦ୍ୱିତୀୟ ପିଢ଼ି ନେତୃତ୍ୱ ହାତକୁ ଚାଲିଆସିଛି। ଅବଶ୍ୟ ଏହା ଫଳରେ ଦଳୀୟ କାର୍ଯ୍ୟକଳାପରେ ଅମଲାତନ୍ତ୍ରର ପ୍ରଭାବ ବ ?ୁଥିଲେ ମଧ୍ୟ ଖୋଲାଖୋଲି ଭାବରେ ଏହା କେହି କହିବାକୁ ସାହସ କରୁନାହାନ୍ତି। ବିଜେଡି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସହିତ ପଞ୍ଚାୟତ ଓ ପୌର ବ୍ୟବସ୍ଥାରେ ମହିଳାମାନଙ୍କ ଅଂଶକୁ ୫୦ ଭାଗରୁ ଅଧିକ କରିଦେଇଥିବାରୁ ବିଜେଡି ରାଜ୍ୟରେ ଏକ ବଡ ଧରଣର ମହିଳା ଭୋଟ ବ୍ୟାଙ୍କ ନିଜ ସପକ୍ଷକୁ ଆଣିପାରିଛି। ସେହିକ୍ରମରେ ନିକଟରେ ତିହିଡି ବ୍ଲକର ଅଧକ୍ଷା ହୋଇଥିବା ଜଣେ ପୁରୁଣା ଏସ୍‌ଏଚ୍‌ଜି ନେତ୍ରୀଙ୍କୁ ଦଳ ପ୍ରାର୍ଥୀ ଭାବରେ ମନୋନୀତ କରି ପୂରାପୂରି ମହିଳା ଭୋଟକୁ ନିଜ ପଟକୁ ଆଣିବା ପାଇଁ ସରକାରୀ ଓ ସକଳ ଓ ସମ୍ବଳ ଉପଯୋଗ କରିଛି। କିନ୍ତୁ ବିଜେଡିର ଅଧିକାଂଶ ନେତା ଏହି ବ୍ୟବସ୍ଥାରେ ଆଦୌ ଖୁସି ନୁହନ୍ତି। କାରଣ ସେମାନେ ଜାଣିଛନ୍ତି ଏହି ଉଦ୍ୟମ ସଫଳ ହେଲେ ଅନେକ ବିଧାୟକ ଓ ଆଶାୟୀ ପ୍ରାର୍ଥୀମାନଙ୍କୁ ଏଡାଇ ଦିଆଯାଇ ୨୦୨୪ରେ ମହିଳାମାନଙ୍କୁ ଅନେକ ସ୍ଥାନରେ ପ୍ରାର୍ଥୀ କରାଇ ଦିଆଯିବ। ଏଣୁ ଉଭୟ ବିଜେଡି ଓ ବିଜେପି ସହିତ ରାଜନୈତିକ ପର୍ଯ୍ୟବେକ୍ଷକମାନେ ଧାମନଗର ଉପନିର୍ବାଚନ ଫଳାଫଳକୁ ସତର୍କତାର ସହିତ ଲକ୍ଷ୍ୟ ରଖିଛନ୍ତି। ଏପରିକି କଂଗ୍ରେସ ତା'ର ଭୋଟ ହାର ବଢ଼ାଇ ପାରୁଛି ନା ନାହିଁ ତାହାକୁ ମଧ୍ୟ ଦଳର ନେତୃତ୍ୱ ଆଗ୍ରହର ସହିତ ଅପେକ୍ଷା କରିଛି।ଓଡିଶା ବ୍ୟତୀତ ତେଲେଙ୍ଗାନାର ମୁନୁଗୁଡରେ ହେଉଥିବା ଉପନିର୍ବାଚନ ଫଳାଫଳକୁ ମଧ୍ୟ ସମସ୍ତେ ଲକ୍ଷ୍ୟ ରଖିଛନ୍ତି।

## ୨୩ରୁ ମାଟ୍ରିକ ସମ୍ମେଟିଭ୍ -୧ ପରୀକ୍ଷା

ଭୁବନେଶ୍ୱର, ୪।୧୧(ପି.ଏନ): ଆସନ୍ତା୨୩ରୁ ୩୦ ତାରିଖ ଯାଏଁ ମାଟ୍ରିକ ସମ୍ମେଟିଭ୍ ଆସେସ୍‌ମେଂଟ-୧ ପରୀକ୍ଷା ଅନୁଷ୍ଠିତ ହେବ। ଏଥିପାଇଁ ଆଜି (ଶୁକ୍ରବାର)ଠାରୁ ଛାତ୍ରଛାତ୍ରୀମାନେ ଅନଲାଇନ୍ ରେ ଆଡମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ। ରାଜ୍ୟର ମୋଟ ୩୦୨୯ ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ସମେଟିଭ୍- ୧ ପରୀକ୍ଷା ପାଇଁ ୫ ଲକ୍ଷ ୩୨ ହଜାର ୭୧୨ ପରୀକ୍ଷାର୍ଥୀ ଫର୍ମ ଫିଲଅପ୍ କରିଛନ୍ତି। ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ଏହି ସୂଚନା ଦିଆଯାଇଛି।ସୂଚନା ଅନୁସାରେ ପରୀକ୍ଷା ପାଇଁ ୩୧୬ ନୋଡାଲ ସେଂଟରରେ ପ୍ରଶ୍ନପତ୍ର କଡ଼ା ସୁରକ୍ଷାରେ ରହିବ। ଛାତ୍ରଛାତ୍ରୀମାନେ ଆଜିଠାରୁ ବୋର୍ଡ ୱେବସାଇଟ୍ ଡବ୍ଲୁଡବ୍ଲୁଡବ୍ଲୁ.ବିଏସଇଓଡିଶା.ଏସି.ଇନ୍‌ରୁ ଆଡମିଟ କାର୍ଡ ଡାଉନଲୋଡ କରିପାରିବେ। ନଭେମ୍ବର ୧୧ ତାରିଖ ଠାରୁ ଭୋକେସନାଲ ପ୍ରାକ୍ଟିକାଲ ପରୀକ୍ଷା ହେବ।୧୦୧୨ଟି ସ୍କୁଲରେ ପ୍ରାକ୍ଟିକାଲ ପରୀକ୍ଷା ନଭେମ୍ବର ୧୮ ତାରିଖ ଯାଏଁ ଚାଲିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।ସେହିପରି ଚଳିତବର୍ଷ ମାଧ୍ୟମା ପରୀକ୍ଷା ୨୯୧୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ସେମାନଙ୍କ ପାଇଁ ୧୦୮ଟି ସେଂଟର କରାଯାଇଛି। ଓପନ ସ୍କୁଲ ପାଇଁ ୭୧୮୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ସେମାନଙ୍କ ପାଇଁ ୧୪୬ଟି ସେଂଟର କରାଯାଇଛି। ମଧ୍ୟମା ଓ ଓପନ ପରୀକ୍ଷାର୍ଥୀଙ୍କ ପାଇଁ ୧୭ ତାରିଖରୁ ୱେବ୍‌ସାଇଟ୍‌ରୁ ଆଡ୍‌ମିଟ୍ କାର୍ଡ ଉପଲବ୍ଧ ହେବ।

## ଶିଳ୍ପରେ ରୋବୋଟିକ୍ସର ବ୍ୟବହାର ଉଦ୍ଦେଶ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୪।୧୧(ପି.ଏନ): ଅଟୋମେସନ୍ କ୍ଷେତ୍ରରେ ଶିଳ୍ପରେ ରୋବୋଟିକ୍ସର ବ୍ୟବହାର ଉଦ୍ଦେଶ୍ୟରେ ଶୁକ୍ରବାର ଅପରାହ୍ନରେ ମଂଚେଶ୍ୱରସ୍ଥିତ ୱାଲର୍ଡ ସ୍କିଲ୍ ସେଂଟର (ଡବ୍ଲୁଏସ୍‌ସି) ଏବଂ ଏ.ବି.ବି. ଇଣ୍ଡିଆ ଲିମିଟେଡ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧିନରେ ଥିବା ୱାଲର୍ଡ ସ୍କିଲ୍ ସେଂଟରର କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କ ପାଇଁ ରୋବୋଟିକ୍ସ ଟେକ୍‌ନୋଲୋଜି ଦକ୍ଷତା ବୃଦ୍ଧି କାର୍ଯ୍ୟରେ ଏହା ସହାୟକ ହେବ । ଯେଉଁ ପ୍ରଶିକ୍ଷାର୍ଥୀଙ୍କୁ ଏ ସଂପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯିବ ଏବଂ ସେମାନେ ଭବିଷ୍ୟତରେ ଅନ୍ୟ କର୍ମଚାରୀମାନଙ୍କୁ ଏହି କ୍ଷେତ୍ରରେ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ପ୍ରଦାନ କରିବେ । ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ଫଳରେ ଏ.ବି.ବି. ୱାଲର୍ଡ ସ୍କିଲ୍ ସେଂଟର ପାଇଁ ୫୦ଟି ରୋବୋଟ୍ ଷ୍ଟୁଡିଓ ନେଟ୍‌ୱାର୍କ ମାଗଣାରେ ପ୍ରଦାନ କରିବ।











# ଟି ଟାଇମ୍

# ଇତିହାସରେ ଆଜି ଦିନ

ଆଜି ହେଉଛି ଡିସେମ୍ବର ୦୧ ତାରିଖ। ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି। ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି। ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

- ବିଶ୍ୱ ଏଡ୍ସ ଦିବସ
- ଭାରତୀୟ ସୀମା ସୁରକ୍ଷା ବାହିନୀ (ବିଏସ୍ଏଫ୍ ପ୍ରତିଷ୍ଠା ହୋଇଥିଲା (୧୯୬୫)
- ବିହାରର-ଲକ୍ଷ୍ମଣପୁର ବାଥେଠାରେ ରଣବୀର ସେନା ରଚାଇଲା ନରସିଂହାର (୧୯୯୭)
- ନାଗାଲାଣ୍ଡ ଭାରତର ୧୬ତମ ରାଜ୍ୟରେ ପରିଣତ ହେଲା (୧୯୬୩)
- ୟୁନାଇଟେଡ୍ ନେଶନ୍‌ରେ ଯୋଗଦେଲା ଆଙ୍ଗୋଲା (୧୯୭୬)
- ବେନଜୀର ଭୁଟ୍ଟୋଙ୍କୁ ପାକିସ୍ତାନର ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି କରାଗଲା (୧୯୮୮)

# ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି। ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ। ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ। ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ। ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ। ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା। ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି। ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ। ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ। ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି।

# ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ। ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ। ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି। ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା। ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ। ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ। ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା। କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ। ମା' ଶିପ୍ରା ନଦୀ ଉକ୍ତ ବିଃକୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ। ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ। କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ। ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା। ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ। ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି।

# ୫୦୦ କୋଟି ବନାମ ୫୦୦ଟଙ୍କା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇଞ୍ଜିନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।

# ଆଜିର ଭାଗ୍ୟ

**ମେଷ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ** — ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**ଧନୁ** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି। ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ। ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ। କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ। କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ। ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି। ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି। ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ। ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ। ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ ମିଳିଥାନ୍ତି। ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ। ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ ସମୟ ଅତିବାହିତ କରିପାରିବେ। ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ ସାହାଯ୍ୟ କରିବ।

# ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ। କ'ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ'ଣ ଜାଣିବାକୁ ମଧ ଜିଜ୍ଞାସା ଯାତ ହୋଇଥାଏ। ପଞ୍ଜାପୁରର ବଡଗାଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ। ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତ୍ତୁ ଘଟିଥିଲା। ବାଶ୍ ତା' ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି। ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ। ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ। କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ନଭେମ୍ବର ୦୫

# ବିଶ୍ୱଦର୍ଶନରେ ଭାରତୀୟ ସନ୍ଥ



ଯୁଗେ ଯୁଗେ ସଦାକାଳେ ଆଦର୍ଶବାଦୀ ମଣିଷମାନେ, 'ଆଦର୍ଶ ଜୀବନ'କୁ ସର୍ବଶ୍ରେଷ୍ଠ ଦାନ ବୋଲି ଭାବନ୍ତି ପ୍ରକୃତିର। ସେମାନେ ତତ୍‌କାଳ ଓ ତତ୍‌କାଳୀନ ଚଳନ୍ତି ପରମ୍ପରାଠାରୁ ଭିନ୍ନ ହୋଇଥା'ନ୍ତି ନିଜର ଦିବ୍ୟଜ୍ଞାନ ବଳରେ। ବ୍ୟକ୍ତିକେନ୍ଦ୍ରିକ ଜୀବନକୁ ତୁଚ୍ଛ କରି ଜଗତ କଲ୍ୟାଣ ଲାଗି ଜୀବନ ନିର୍ବାହ କରିଥା'ନ୍ତି ଉଚିତ ମାର୍ଗରେ। ଅଭିଳାଷ ଥାଏ ବିଶ୍ୱ ମାନବୀୟ ସିଦ୍ଧାନ୍ତକୁ ପ୍ରୟୋଗ କରି ଏକକ ବିଶ୍ୱ ଗଠନର ସୈଦ୍ଧାନ୍ତିକ ମତକୁ ଦାନ ଦେବେ ଏକ ସାମାଜିକ ସଂସ୍କାର ମାଧ୍ୟମରେ। ସେମାନେ ସର୍ବଦା ଭିନ୍ନ ଆଉ ଭିନ୍ନ ଦୃଷ୍ଟିରେ ଦେଖନ୍ତି ସାମାଜିକ ଅବସ୍ଥା ଓ ବ୍ୟବସ୍ଥାକୁ। ଦରଦୀ



ଦେବାତ୍ମା ଦରଦ ଦେଖାଇଥା'ନ୍ତି ଦରିଦ୍ର, ଶୋଷିତ, ଅବହେଳିତ ମଣିଷମାନଙ୍କ ପାଇଁ। ଦୃଷ୍ଟାନ୍ତ ସୃଷ୍ଟି କରାଇଥାଆନ୍ତି ଆଗାମୀ ପିଢ଼ିର ମଣିଷମାନଙ୍କ ପାଇଁ। ଆମେ କହୁ ସେମାନଙ୍କୁ- ଆଦର୍ଶବାଦୀ, ଆଦର୍ଶ ମଣିଷ ଅବା ମହାପୁରୁଷ।

ସେହି ମହାମାନବ, ସଂସ୍କାରକ, ଯୁଗସ୍ରଷ୍ଟା ତଥା ଆଦର୍ଶ ମଣିଷମାନେ ସାରା ବିଶ୍ୱରେ ଥିଲେ, ଅଛନ୍ତି ଓ ରହିବେ। ସେମାନଙ୍କର ଜୀବନୀ, କର୍ମ, ଜ୍ଞାନ, ଦୃଷ୍ଟିଭଙ୍ଗୀକୁ ଆପଣାଇପାରିଲେ ଆମେ ବି ଆଦର୍ଶ ମଣିଷ ହୋଇ ଆଦର୍ଶ ଜୀବନ ଗଢ଼ି ଗୋଟାଏ ନବଆଶାର ଦିଶା ଯୋଗାଇପାରନ୍ତେ ସାରା ବିଶ୍ୱକୁ। ଏହି ପ୍ରସଙ୍ଗରେ ମନେପଡ଼ନ୍ତି ଜଣେ ମହାନ୍ ପୁରୁଷ। ତାଙ୍କର ଗୋଟାଏ ଅଭୁଲା କାହାଣୀ ଯାହା ସତ୍ୟ ଘଟଣାର ଅନୁଭୂତିରୁ ଉତ୍ପତ୍ତି। ତାହା ଏଠାରେ ଉପସ୍ଥାପନା କରୁଛୁ। ସେ କିପରି ଗୋଟାଏ ଭାବକୁ ଏକ ଭିନ୍ନ ଦୃଷ୍ଟିରେ ପରଖି ସଂଜ୍ଞାକୁ ବଦଳାଇ ଦେଲେ। x x x



ଗେରୁଆ ପୋଷାକରେ ପରିହିତ ସ୍ୱାମୀ ବିବେକାନନ୍ଦ ଦିନେ ବୁଲୁଥା'ନ୍ତି ଆମେରିକାର ଚିକାଗୋ ସହରରେ ସକାଳୁ ସକାଳୁ। ନଥାଏ ମନରେ ଗ୍ଲାନି କି ଦୁଶ୍ଚିନ୍ତା। ଏକ ଉନ୍ନତ ବଳିଷ୍ଠ ଚିନ୍ତା ଚେତନାରେ ଚାଲୁଥା'ନ୍ତି ସେ। ସହରବାସୀ ହସୁଥା'ନ୍ତି ତାଙ୍କର କୌତୁକିଆ ପୋଷାକ ପରିପାଟୀ ଦେଖି। ଭାବୁଥାନ୍ତି ଅନ୍ୟ କୌଣସି ଗ୍ରହର ଜୀବ ଅକସ୍ମାତ୍ ଓହ୍ଲାଇ ଆସିଛନ୍ତି ବୋଧେ ମର୍ତ୍ତ୍ୟକୁ। କେତେକ ଟୀକାଟିପ୍ପଣୀ ଓ ମତମନ୍ତବ୍ୟ ରଖୁଥା'ନ୍ତି ଏଭଳି ବେଶପୋଷାକକୁ ଦେଖି। ଟାହିଟାପରା କରୁଥା'ନ୍ତି ଆପଣା ଆପଣା ଭିତରେ ଫୁସୁରୁଫାସର ହୋଇ। ହେଲେ କାହାରି କଥା ନ ଶୁଣି ଏକାଗ୍ରଚିତ୍ତରେ, ନିର୍ବିକାର



ପ୍ରାଣରେ, ସ୍ୱାମୀଜୀ ଚାଲୁଥା'ନ୍ତି ସଡ଼କରେ ଭାବାବିଷ୍ଟ ହୋଇ। କାହାରି ଆଡ଼କୁ ଦୃଷ୍ଟି ନଥାଏ ତାଙ୍କର। କାନରେ ଅଲୋଡ଼ା ଅବାଞ୍ଛିତ କଟାକ୍ଷର ଶବ୍ଦ ବାଜୁଥିଲେ ମଧ୍ୟ ମନ ଭିତରକୁ ନନେଇ ଏକାଗ୍ରତାରେ ରଖିଥା'ନ୍ତି ମନକୁ ସେ। ଠିକ୍ ଏହି ମୁହୂର୍ତ୍ତରେ ଗୋଟାଏ ଆମେରିକୀୟ ଦମ୍ପତି ଚାଲୁଥା'ନ୍ତି, ସ୍ୱାମୀଜୀଙ୍କ ପଶ୍ଚାତ୍‌ରେ। ସ୍ୱାମୀଜୀଙ୍କୁ ଦେଖି ସ୍ତ୍ରୀ ଜଣକ ସ୍ୱାମୀଙ୍କୁ ବିସ୍ମୟଭରା କଣ୍ଠରେ କହିଲେ, "ଏଇ ଦେଖୁଛ ସେ ବିଚିତ୍ର ଜୀବଟାକୁ! କି ମଣିଷ ଏ, ଯିଏକି ପିନ୍ଧିଛି ଏଭଳି ନଗ୍ନବସ୍ତ୍ର। ଏ କ'ଣ ଭିକ୍ଷାବୃତ୍ତି ଲାଗି ନୂତନ କୌଶଳ ନା ଅନ୍ୟ କିଛି ଫନ୍ଦିଫିକର?" ସ୍ୱାମୀଙ୍କର କୌଣସି ଉତ୍ତର ନ ଦେବା ଜାଣି ସ୍ୱାମୀ ବିବେକାନନ୍ଦ ପଛକୁ ଫେରି ଚାହିଁଲେ ଦମ୍ପତିଙ୍କୁ। ଆଉ ବିନମ୍ରତାର ସହ ହାତଯୋଡ଼ି କହିଲେ ମହିଳାଜଣଙ୍କୁ-



"ଦେବୀ, ମୁଁ ଗୋଟାଏ ମଣିଷ। ଆପଣଙ୍କ ଦେଶରେ ସଭ୍ୟତାର ନିର୍ମାଣ ଲାଗି ଠିକା ନେଇଛନ୍ତି ଦର୍ଜୀମାନେ। ଆଉ ବେଶପୋଷାକ ପରିଚ୍ଛେଦ, କପଡ଼ା ହେଉଛି ଏ ଦେଶର ସଭ୍ୟପଣିଆର ମାପକାଠି। ମୁଁ କୌଣସି ଗ୍ରହରୁ ଆସିନାହିଁ, ଆସିଛି ଭାରତ ଉପମହାଦେଶରୁ। ଯେଉଁଠି କପଡ଼ା କି ପୋଷାକ ସଭ୍ୟତାର ମାପକାଠି ନୁହେଁ। ମଣିଷର ଚରିତ୍ର ହିଁ ତା'ର ଅସଲ ପରିଚୟ। ଏହାହିଁ ମୋ' ଦେଶର ସର୍ବଶ୍ରେଷ୍ଠ ସଂସ୍କୃତି ଓ ସଭ୍ୟତା। ଏହାହିଁ ମୋ' ଦେଶର ବିଶ୍ୱମାନବୀୟ ଚିନ୍ତା।"

ଏଭଳି ଏକ ସରଳ ଓ ମହାନ ଦୃଷ୍ଟିଭଙ୍ଗୀରେ ସ୍ୱାମୀଜୀଙ୍କ ଉତ୍ତର ଶୁଣି ମହିଳାଜଣଙ୍କ ହଡ଼ବଡ଼େଇ ଗଲେ। ତାଙ୍କର କଥା କହିବାର କିଛି ଜୁ ନଥିଲା। ବିଶ୍ଳେଷଣ କରିବା ଆରମ୍ଭ କରିଦେଲେ ଉତ୍ତରକୁ ମନେମନେ। ସ୍ୱାମୀଜୀଙ୍କ ମନକୁ ଭେଦିଗଲା, ମରମକୁ ଛୁଇଁଗଲା ଏଭଳି ଅଦ୍ଭୁତ ବାଣୀ। କିଛି ଉତ୍ତର ନ ଦେଇ ସେଦିନ ସେ ଆମେରିକୀୟ ଦମ୍ପତି ଧୀରେ ଧୀରେ ପଳାୟନ କଲେ ନିଜର ଗନ୍ତବ୍ୟ ସ୍ଥଳକୁ। ହେଲେ ଅବିଚଳିତ ଥିଲେ ସ୍ୱାମୀଜୀ। ନା ତାଙ୍କର ଅହଂକାର ଥିଲା ନା ଥିଲା ଆତ୍ମଅଭିମାନ। ସେ ସ୍ଥିତପ୍ରଜ୍ଞ ଅବସ୍ଥାରେ ସେହିପରି ଚାଲିବାକୁ ଲାଗିଲେ। ହେଲେ ଏ ମହାନ ସନ୍ଥ, ସଂସ୍କାରକ, ସେଦିନ ଭଦ୍ର, ଅଭଦ୍ର, ସଭ୍ୟ ଓ ସଭ୍ୟତାର ସଂଜ୍ଞା ବଦଳାଇ ଦେଲେ ତାଙ୍କର ବଳିଷ୍ଠ ଦର୍ଶନର ଦୃଷ୍ଟିଭଙ୍ଗୀରେ, ଏକ ସକାରାତ୍ମକ ଆତ୍ମବିଶ୍ୱାସରେ। ଜ୍ଞାନର ଜ୍ଞାନତ୍ୱକୁ ନ ଜାଣିଲେ କିଏ ବା ବଦଳାଇପାରିବ ଚଳନ୍ତି ବ୍ୟବସ୍ଥାରେ ଥିବା କୁସଂସ୍କାରକୁ। ଆଜି ସ୍ୱାମୀଜୀ ନାହାନ୍ତି ଆମ ଗହଣରେ ସଭ୍ୟତା ଗଢ଼ାଇବା ପାଇଁ। ହେଲେ ଆମେ ଅଛେ। ଯଦି ସ୍ୱାମୀଜୀଙ୍କ ବିଶ୍ୱଦର୍ଶନକୁ କ୍ଷଣେ ଅବା ମୁହୂର୍ତ୍ତେ ଆଚରଣ ଓ ଉଚ୍ଚାରଣରେ ପ୍ରୟୋଗ କରାଇପାରନ୍ତେ, ତେବେ ତ 'ବସୁଧୈବ କୁଟୁମ୍ବକମ୍' ଆମ ହାତପାଆନ୍ତାରେ। ଏହାହିଁ ବିଶ୍ୱଦର୍ଶନରେ ଭାରତୀୟ ସନ୍ଥମାନଙ୍କ ଅବଦାନ।

**—ଶିବପ୍ରସାଦ ଧଳ, ଅଲରା, ନରସିଂହପୁର, କଟକ, ଦୂରଭାଷ: ୯୯୩୭୭୮୨୦୭୯**

# ଏକ ବିକଶିତ ରାଷ୍ଟ୍ର ଓ ଦୁର୍ନୀତିମୁକ୍ତ ଭାରତ

•••••••••ବିଷ୍ଣୁରଞ୍ଜନ ପାଣିଗ୍ରାହୀ (ଆଇ.ଟି.ଏସ୍.)•••••••••




ସାଧାରଣରେ ଏକ କଥା ଅଛି 'ନୀତି, ପ୍ରଗତି ଓ ଦୁର୍ନୀତି'। ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ନୀତି ତ ନୀତି କିନ୍ତୁ ପ୍ରଗତି ସହ ଦୁର୍ନୀତିର କିପରି ସମ୍ପର୍କ ରହିଛି? କାରଣ ପ୍ରଗତି ଓ ଦୁର୍ନୀତି ହେଉଛି ଦୁଇଟି ବିରୋଧାତ୍ମକ ଶବ୍ଦ। ଏକ ଅଭିବୃଦ୍ଧି ସମ୍ପନ୍ନ ରାଷ୍ଟ୍ର ସର୍ବୋପରି ବିକଶିତ ସମାଜ ପାଇଁ ନୀତିଯୁକ୍ତି ପ୍ରଗତିର ମୂଲ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କିନ୍ତୁ ଏସବୁ କ୍ଷେତ୍ରରେ ବାଧକ ହୋଇଥାଏ ଦୁର୍ନୀତି। ଓଡ଼ିଆରେ ଏକ ଲୋକକଥା ଅଛି-'ଗାଁ ପରିମଳ ଧୋବା ତୁଠରୁ'। ଅର୍ଥାତ୍ ଏକ ବିକଶିତ ରାଷ୍ଟ୍ରର ପରିଚୟ ମିଳିପାରିବ ଏହା ଦୁର୍ନୀତିରୁ ମୁକ୍ତ କି ନୁହେଁ! କାରଣ ଗୋଦରା ମାଡ଼େ ଯେତେ କୋଡ଼େ ସେତେ। ଆମେ ଯେତେ ପ୍ରଗତି କରି ଦ୍ରୁତ ଗତିରେ ଦୌଡ଼ି ଚାଲିଲେ ମଧ୍ୟ ଯଦି ଦୁର୍ନୀତିର ବେଡ଼ି ଆମ ପାଦରେ ରହେ, ତାହାହେଲେ ଦୌଡ଼ିବାର କୌଣସି ମୂଲ୍ୟ ନଥାଏ। ଅନେକ କ୍ଷେତ୍ରରେ ଦେଖାଯାଏ ଯେ କୌଣସି ବେସରକାରୀ ସଙ୍ଗଠନ ହେଉ ବା ବଡ଼ ବଡ଼ ଅନୁଷ୍ଠାନ ଓ ସମାଜ ଦୁର୍ନୀତି ପାଇଁ ହିଁ ଏହାର ପ୍ରଗତିର ବଡ଼ ବାଧକ ଦେଖାଦିଏ। କାରଣ ଏକ ନୀତିଯୁକ୍ତ ଚିନ୍ତା ଓ ଚେତନା ସମାଜ ଓ ଦେଶକୁ ଆଗେଇ ନେବା ସହ ଏହାର ଗୌରବର ଅଭିବୃଦ୍ଧିକୁ ଆହୁରି ସଶକ୍ତ କରିଥାଏ। ସମଗ୍ର ବିଶ୍ୱରେ ଆଜି ଭାରତ ଏକ ଦ୍ରୁତ ଅର୍ଥନୈତିକ, ପ୍ରଗତିଶୀଳ ଓ ସୂଚନା ପ୍ରଯୁକ୍ତି ବିଦ୍ୟାରେ ବିକଶିତ ରାଷ୍ଟ୍ର ଭାବେ ଗୌରବର ମର୍ଯ୍ୟାଦା ପାଇଛି।

ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି ପାଇଁ ଭାରତ ଆଜି ଦୁର୍ନୀତିମୁକ୍ତ ରାସ୍ତାରେ ଆହୁରି ଆଗେଇ ଚାଲିଛି। ଦିନକୁ ଦିନ ଦୁର୍ନୀତିର ମାତ୍ରା କମିଯାଉଥିବାବେଳେ ଏହାର ସୁଫଳ ଦେଶବାସୀ ଓ ରାଷ୍ଟ୍ର ପାଉଛି। ଏକଦା ଜଣେ ରାଷ୍ଟ୍ରୀୟ ରାଜନେତା ମନ୍ତବ୍ୟ ଦେଇଥିଲେ ଯେ ସରକାରଙ୍କ ଶହେ ଟଙ୍କାରୁ ପଞ୍ଚାଅଶୀ ଟଙ୍କା ବାଟମାରଣା ହେଉଛି ଓ ମାତ୍ର ପନ୍ଦର ଟଙ୍କା ବିକାଶ ନିମିତ୍ତ ଖର୍ଚ୍ଚ ହେଉଛି। ଏହା ଅର୍ଥ ବିକାଶରେ ସେ ସମୟ କେତେ ପଛୁଆ ଥିଲା ଚିନ୍ତା କରନ୍ତୁ। ସମସ୍ତେ ଦୁର୍ନୀତିମୁକ୍ତ କଥା କୁହନ୍ତୁ କିନ୍ତୁ ଏହାକୁ କାର୍ଯ୍ୟ କରିବା ଅତ୍ୟନ୍ତ କଷ୍ଟକର ସାଧନ ହୋଇଥାଏ କିନ୍ତୁ ସମସ୍ତେ ଭୁଲିଯାଆନ୍ତି ଯେ ଦୁର୍ନୀତି ମୁକ୍ତ ହେଲେ ହିଁ ଏହାର ପ୍ରତ୍ୟକ୍ଷ ଓ ପରୋକ୍ଷ ସୁଫଳ ଆମ୍ଭେମାନେ ପାଇବା। ଦେଶ ପାଇବ, ସମାଜ ପାଇବ, ଆମେ ପାଇବା ଏବଂ କେବଳ ଦେଶର ବିକାଶ ନୁହେଁ ପ୍ରତିଟି ପରିବାରର ବିକାଶ ହେବା ସହ ମଣିଷର ବ୍ୟକ୍ତି ଚେତନାର ବ୍ୟାପକ ପରିବର୍ତ୍ତନ ହେବ। ଜଣଙ୍କର ବ୍ୟକ୍ତି ଚେତନାର ରୂପାନ୍ତରଣ ବା ପରିବର୍ତ୍ତନର ମାଧ୍ୟମ ଯଦି ଦୁର୍ନୀତିମୁକ୍ତ ଚେତନାରୁ ସୃଷ୍ଟି ହୁଏ ତାହାହେଲେ ସେ ପରିବାର ସଫଳ ହେବ। ସେ ପରିବାରର ଗୌରବ ଓ ଅଭିବୃଦ୍ଧି ଆହୁରି ଧାବମାନ ହେବ। ସମାଜରେ ଏପରି ପରିବାର ଅନ୍ୟମାନଙ୍କ ଆଦର୍ଶର କେନ୍ଦ୍ରବିନ୍ଦୁ ହୋଇ ରହିବ ଏବଂ ବିନ୍ଦୁ ବିନ୍ଦୁ ପରି ସିନ୍ଧୁ ଠିକ୍ ସେହିପରି ଏହିପରି ଚେତନାର ପରିବାରକୁ ନେଇ ସମାଜ ଗଠନ ହୋଇଥାଏ।

ସମସ୍ତେ ଦୁର୍ନୀତି ଉପରେ ଖୁବ ଜୋରରେ ଭାଷଣ ଦିଅନ୍ତି, ଆଲୋଚନା କରନ୍ତି ଏବଂ ଉଚ୍ଚସ୍ୱରରେ ଅନ୍ୟକୁ ସମାଲୋଚନା ବି କରନ୍ତି। କିନ୍ତୁ ବାସ୍ତବ କଥା ଭିନ୍ନ ଥାଏ। ଅନ୍ୟକୁ ଦୋଷ ଦେବା ବେଳେ ନିଜ କଥାକୁ ଭୁଲି ଯାଇଥାଉ। ଦୁର୍ନୀତିରୁ ମୁକ୍ତ ହେବା ପାଇଁ ଏକ ସୁସଂଜତ ବ୍ୟକ୍ତିତ୍ୱ ଓ ଚେତନା ଦରକାର। ଘରେ ବିଜୁଳି ବିଲ କିପରି କମେଇବା ଅନେକ ତା' ପାଇଁ ଦୁଷ୍ଟବୁଦ୍ଧିର ଚିନ୍ତା ରଖିଥା'ନ୍ତି। ସରକାରଙ୍କ ରାଜସ୍ୱ (ଟ୍ୟାକ୍ସ)ରୁ କିପରି ନିଜକୁ ଖସାଇବା, ସର୍ବୋପରି ଦେଶର ଅଭିବୃଦ୍ଧି ପାଇଁ ଅତ୍ୟନ୍ତ ଅପରିହାର୍ଯ୍ୟ ହେଉଥିବା ସରକାରୀ ରାଜସ୍ୱକୁ କିପରି ଠକି ବ୍ୟକ୍ତିନିଷ୍ଠ ଅଭିବୃଦ୍ଧିରେ ରହିବା ସେ ଚିନ୍ତା ଅନେକ କରିଥା'ନ୍ତି। ଏହା କ'ଣ ବଡ଼ ଦୁର୍ନୀତି ନୁହେଁ? ଅନେକ ଭୁଲିଯାଆନ୍ତି ବଡ଼ ଲୋକମାନଙ୍କର ଏହି ଦୁର୍ନୀତି ବା ଠକାମିର ମାନସିକତାକୁ ଛୋଟ ପିଲାମାନେ ଦେଖନ୍ତି ଏବଂ ଜାଣନ୍ତି। ଏଥିରୁ ସେମାନେ କ'ଣ ଶିକ୍ଷା ପାଇଥା'ନ୍ତି? ସେମାନେ ବଡ଼ ହେଲେ ସେହି ଦୁର୍ନୀତିକୁ ନୀତି କରି କିପରି ନିଜର ଅଭିବୃଦ୍ଧି କରିବେ ସେହି ଶିକ୍ଷା ପାଇଥା'ନ୍ତି। ଦେଖନ୍ତୁ ଏକ ଦୁର୍ନୀତିର କାଳିମା କିପରି ଆମ ବ୍ୟକ୍ତିଗତ ଜୀବନକୁ, ପରିବାରକୁ କୁଶିକ୍ଷା ଦେବା ସହ ଧ୍ୱଂସର ଦିଗକୁ ନେଇଯାଉଛି। କାର୍ଯ୍ୟ କରି ପ୍ରାପ୍ୟ ସ୍ୱରୂପ ଦରମା ମିଳିଥାଏ ଏହାସହ ବାମ, ଡାହାଣ ଦିଗରୁ ତଥାକଥିତ ଉପୁରି ରୋଜଗାର ଅର୍ଥ ମାଧ୍ୟମରେ ହେଉ ବା କୌଣସି ଉପହାର ମାଧ୍ୟମରେ ଏହାକୁ ବେଶ ଭଲ ଭାବେ ହୃଦୟଙ୍ଗମ କରିଥାନ୍ତି ଛୋଟପିଲାମାନେ। ସେହି କୋମଳମତି ପିଲାଟିର ଛୋଟ ଚିନ୍ତା ଆସନ୍ତାକାଲି ସକାଳେ ଏକ ଭୟଙ୍କର ଦୁର୍ନୀତିର ଚେତନାକୁ ତା' ଭିତରେ ରାକ୍ଷସ ପରି ସୃଷ୍ଟି କରିଥାଏ। ତାହାର ନିଜର କ୍ଷତି ସହ, ତାହାର ଗଢ଼ିବାକୁ ଯାଉଥିବା ସଂସାରର କ୍ଷତି ଏବଂ ସେ କାର୍ଯ୍ୟ କରିବାକୁ ଯାଉଥିବା ବୃତ୍ତିଗତ କର୍ମସଂସ୍ଥାନର କ୍ଷତି ଏବଂ ସର୍ବୋପରି ରାଷ୍ଟ୍ରର କ୍ଷତି ହୋଇଥାଏ।

ଜନସାଧାରଣଙ୍କର ଟିକସରେ ହିଁ ଦେଶର ଖର୍ଚ୍ଚ ଭରଣା ହୋଇଥାଏ, ବିକାଶ ହୋଇଥାଏ। ଏହା ସମସ୍ତଙ୍କର ଅର୍ଥ। ସରକାରୀ ତହବିଲରେ ରହୁଥିଲେ ମଧ୍ୟ ଏହା ହେଉଛି ସମସ୍ତଙ୍କର ଅର୍ଥ ଏହାକୁ ମନେରଖିବା ଉଚିତ। ଆମେ ଏହାକୁ ଠକିବା ଅର୍ଥ ପ୍ରଥମତଃ ଆମ ନିଜକୁ ଠକିବା, ଦ୍ୱିତୀୟତଃ ଦେଶକୁ ଠକିବା। ଏହି ଠକାମି ମାନସିକତା ଏକପ୍ରକାର ଦେଶଦ୍ରୋହ ଘଟଣା ନୁହେଁ କି? ସମସ୍ତେ ଚଢ଼ାସ୍ୱରରେ କୁହନ୍ତି ସରକାର ଦୁର୍ନୀତିଯୁକ୍ତ। ଏହା କିପରି କଥା? ସରକାର କିଏ? ଅନୁଷ୍ଠାନ ବି କିଏ? ବ୍ୟକ୍ତିମାନଙ୍କୁ ନେଇ ଜନସାଧାରଣଙ୍କ ପ୍ରତିନିଧିତ୍ୱ ହିଁ ସରକାର। ଜନସାଧାରଣଙ୍କ ଭିତରେ ଯଦି ଦୁର୍ନୀତି ମୁକ୍ତ ଚେତନା ବା ତାଙ୍କ ରକ୍ତରେ ଦୁର୍ନୀତି ବିହୀନ ଭାବନା ରୁହେ, ତାହାହେଲେ ଏକ ସ୍ୱଚ୍ଛ, ଉତ୍ତରଦାୟୀ, ଦୁର୍ନୀତିମୁକ୍ତ ସରକାର ବା ଅନୁଷ୍ଠାନ ସ୍ୱୟଂ ଗଢ଼ି ଉଠିବ।

ପ୍ରତିଟି ମଣିଷ ସତ୍ୟ, ଧର୍ମ, ପ୍ରେମ, ଶାନ୍ତି, ଅହିଂସା ଯେପରି ସେମାନଙ୍କର ମାନବୀୟ ମୂଲ୍ୟବୋଧ ସେହିପରି ସେମାନଙ୍କର ଜୀବନର ମୂଲ୍ୟବୋଧ ଦୁର୍ନୀତିମୁକ୍ତ ଚେତନାରୁ ସୃଷ୍ଟି ହେବା ଗୁରୁତ୍ୱପୂର୍ଣ୍ଣ। ଦୁର୍ନୀତି ମୁକ୍ତତା କେବଳ ଦେଶର ଅଭିବୃଦ୍ଧିକୁ ଆଗେଇ ନେବ ଏହା ନୁହେଁ, ଏହାର ସୁଫଳ ଜଣଙ୍କ ପରିବାର ଉପରେ ପଡ଼ିବ। ସେ ପରିବାରର ଛୋଟ ଠାରୁ ବଡ଼ ସମସ୍ତଙ୍କ ଉପରେ ଏହାର ପ୍ରଭାବ ସେମାନଙ୍କ ଜୀବନକୁ ଅତି ସୁନ୍ଦର ଭାବେ ଗଢ଼ି ତୋଳିବ। ଜଣେ ଗୃହକର୍ତ୍ତା ଯଦି ଦୁର୍ନୀତି ମୁକ୍ତ ଚେତନାରୁ ନିଜ ଜୀବନକୁ ଆଗେଇ ନିଅନ୍ତି ଟ୍ରେନର ଇଞ୍ଜିନ ପଛରେ ବଗି ଯେପରି ଚାଲେ ସେ ପରିବାରର ସମସ୍ତେ ମଧ୍ୟ ନିଜକୁ ସେହି ରାସ୍ତାରେ ଚାଲିବେ। ସେ ପରିବାରଟି ଗରିବରୁ ଧନୀ ନିଶ୍ଚୟ ହେବେ, ହତାଶରୁ ବିକାଶର ସୂର୍ଯ୍ୟ ସେମାନଙ୍କ ଘର ପାଖରେ ନିଶ୍ଚୟ ପହଞ୍ଚିବ। ଦୁର୍ନୀତିମୁକ୍ତ ଚେତନା ପ୍ରତିଟି ଭାରତୀୟଙ୍କ ରକ୍ତରେ ପ୍ରବାହିତ ହେବା ଦରକାର। ଏହା ଏକ ରାଷ୍ଟ୍ର ଚେତନା ସହ ଏକ ବ୍ୟକ୍ତି ଚେତନା ହେବା ଅତ୍ୟନ୍ତ ଜରୁରୀ। ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସରକାର ଅନେକ ଦୃଢ଼ ଓ କଠୋର କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ଏ ନେଇ ସଂଖ୍ୟାଧିକ ମାମଲା ନ୍ୟାୟାଳୟରେ ପହଞ୍ଚିଛି। ଯାହାର ବିଚାର ଚାଲୁଛି, ଦଣ୍ଡ ଦିଆଯାଉଛି ଏବଂ ସରକାରଙ୍କ ତହବିଲକୁ ଠକାମିର ଅର୍ଥ ବି ଫେରୁଛି। କିନ୍ତୁ ଏହା ପାଇଁ ଅନେକ ମୂଲ୍ୟବାନ ସମୟ ନଷ୍ଟ ହୋଇଯାଉଛି। ଦୁର୍ନୀତିର ଚେର ସମାଜର ପ୍ରତିଟି କ୍ଷେତ୍ରକୁ ଏପରି ଜାବୁଡ଼ି ଧରିଥାଏ ଅକ୍ଟୋପସ ପରି। ଏହି ଚେରକୁ ଛିଣ୍ଡାଇବା ଅତ୍ୟନ୍ତ ଜରୁରୀ; କାରଣ ଆସନ୍ତାକାଲି ସକାଳେ ଏହି ଚେର ଏକ ବିଶାଳ ଦ୍ରୁମରେ ପରିଣତ ହୋଇଯିବ। ଯାହାକୁ ହଟାଇବା ପାଇଁ ଆପଣଙ୍କ ହାତର ସାମର୍ଥ୍ୟ ଦରକାର ନହୋଇ ଜେସିବି ମେସିନର ସହାୟତା ପଡ଼ିବ।

ବିଶ୍ୱରେ ଯେଉଁ ଦେଶ ଅଭିବୃଦ୍ଧିସମ୍ପନ୍ନ ହୋଇଛି ଏହାପଛରେ ସଫଳତାର ବଡ଼ ରହସ୍ୟ ହେଉଛି ଦୁର୍ନୀତି ମୁକ୍ତତା ଚରିତ୍ର। ଏକ ରାଷ୍ଟ୍ରକୁ ଭଲ ପାଇବା ଅର୍ଥ, ଏକ ସମାଜକୁ ଭଲ ପାଇବା ଅର୍ଥ ଆମେ ଦୁର୍ନୀତିମୁକ୍ତ। ଏହି ଭାବନା ଏକ ରାଷ୍ଟ୍ରର ଗୌରବର ଯେଉଁ ନୂଆ ଅଧ୍ୟାୟ ଆରମ୍ଭ କରିବ ତାହା ଇତିହାସର ସ୍ୱର୍ଣ୍ଣାକ୍ଷରରେ ଚିରଦିନ ପାଇଁ ଲିପିବଦ୍ଧ ହୋଇରହିଯିବ। ଏହାପାଇଁ କିଛି କଷ୍ଟ ସହିବାକୁ ପଡ଼ିବ ନିଶ୍ଚୟ। କିନ୍ତୁ ଏହା ଯେ ଆମ ବ୍ୟକ୍ତିଚେତନାଠାରୁ ପରିବାର, ସମାଜ ଓ ରାଷ୍ଟ୍ର ପାଇଁ ଗୌରବର କେନ୍ଦ୍ର ସେ ଆନନ୍ଦ ହେଉଛି ଦିବ୍ୟ ଆନନ୍ଦ ପରି। ପରୋପକାର, ସେବା, ମାନବିକତା, ଉଚ୍ଚଚରିତ୍ର ପରି ଦୁର୍ନୀତିମୁକ୍ତ ଭାବନା ଏକ ମଣିଷର ଶ୍ରେଷ୍ଠ ଚରିତ୍ରଗତ ସମ୍ପଦ। ଏହାକୁ ସମସ୍ତେ ମନେରଖିବା ଉଚିତ।

ଏକ ବିକଶିତ ରାଷ୍ଟ୍ରର ମର୍ଯ୍ୟାଦା ଶ୍ରୀ, ଅଭିବୃଦ୍ଧିର ସ୍ୱର୍ଣ୍ଣିମ ସଫଳତାରେ ପ୍ରତିଟି ଜନସାଧାରଣ ନିଜକୁ ଭାଗିଦାର କରିବା ପାଇଁ ବଜ୍ରଶପଥ ନିଅନ୍ତୁ। ଏହା ଆମ ରାଷ୍ଟ୍ରର ଚେତନା, ଏହା ଆମ ରାଷ୍ଟ୍ରର ଗୌରବ। ଏହି ଭାବନା ଆମ ଦେଶକୁ, ସମାଜକୁ ଯେଉଁ ଲକ୍ଷ୍ୟସ୍ଥଳରେ ନେଇ ପହଞ୍ଚାଇବ, ସେଠାରେ ବିକାଶର ସୂର୍ଯ୍ୟୋଦୟ ସ୍ୱାଗତ କରିବ।

*-ମହାପ୍ରବନ୍ଧକ (ବିଏସଏନଏଲ), ଭୁବନେଶ୍ୱର, ଦୂରଭାଷ : ୯୪୩୭୦୫୧୦୮୮*

# କାର୍ତ୍ତିକରେ ପଂଚକ

ଉମାଶଙ୍କର ପ୍ରସାଦ

ହିନ୍ଦୁ ଧର୍ମରେ କେଉଁ ଅନାଦି କାଳରୁ ଧର୍ମପୂଜା, ବ୍ରତ ଓ ପରମ୍ପରା ଗଡି ଆସୁଛି। ଋତୁ ଚକ୍ର ଅନୁସାରେ ବାର ମାସରେ ତେର ମହୋତ୍ସବ ଲାଗିରହିଛି। ଏହି ପୂଜା ପରମ୍ପରା ହିନ୍ଦୁ ସଂସ୍କୃତିକୁ ଉଜ୍ଜୀବିତ କରି ରଖିବା ସହ ହିନ୍ଦୁ ସମାଜକୁ ପ୍ରତ୍ୟେକ ହୀନ କାର୍ଯ୍ୟରୁ ନିବୃତ୍ତି ରହିବା ପାଇଁ ଧର୍ମ ମାସ ମାନଙ୍କର ସୃଷ୍ଟି କରିଛି। ସତ୍ୟସାଇ ବାବାଙ୍କ ଉପଦେଶାନୁସାରେ "ପ୍ରତ୍ୟେକ ହୀନ କର୍ମରୁ ଯେ ଦୂରେଇ ରହେ ସେ ହିନ୍ଦୁ"। ତେଣୁ ଓଡିଶାର ପୁରପଲ୍ଲୀରେ ଅଦ୍ୟାବଧି ପ୍ରତ୍ୟେକ ମାସରେ କିଛି ନା କିଛି ପୂଜା, ବ୍ରତ, ଉପବାସ ଇତ୍ୟାଦି ମୁନିଋଷି ମାନେ ଖଞ୍ଜାଇ ଯାଇଛନ୍ତି। ସ୍ୱୟଂ ଲୀଳା ପୁରୁଷୋତ୍ତମ କୃଷ୍ଣ ଅର୍ଜୁନଙ୍କୁ ଉପଦେଶ ଦେଲା ବେଳେ କହିଛନ୍ତି



ହେ ଅର୍ଜୁନ "ମାସାନାଂ ମାର୍ଗଶୀର୍ଷୋଽହମୃତୁନାଂ କୁସୁମା କରଃ" - ମୁଁ ମାସମାନଙ୍କ ମାର୍ଗଶୀର ଏବଂ ଋତୁମାନଙ୍କ ମଧ୍ୟରେ ବସନ୍ତ ଅଟେ। ତେଣୁ ପ୍ରତ୍ୟେକ ମାସରେ କିଛି ନା କିଛି ଧାର୍ମିକ ଭାବନାର ସୃଷ୍ଟି ଓ ତାହାର ତାତ୍ପର୍ଯ୍ୟ ରହିଛି।

ବର୍ତ୍ତମାନ ଯେଉଁ କାର୍ତ୍ତିକ ମାସ ଚାଲିଛି ତା ପଛରେ ମଧ୍ୟ ଅନେକ ତାତ୍ତ୍ୱିକ ମହତ୍ୱ ରହିଛି। ଏହି ମାସରେ ଭୀଷ୍ମ ପଞ୍ଚକ, ବକ ପଞ୍ଚକ, ଓ କାର୍ତ୍ତିକଶ୍ୱର ପୂଜା ପାଳନ କରାଯାଇଥାଏ। ସ୍କନ୍ଦ ପୁରାଣାନୁସାରେ "ନ କାର୍ତ୍ତିକସମୋ ମାସୋ, ନ କୃର୍ତେନ ସମଂଯୁଗମ୍" ଅର୍ଥାତ୍ କାର୍ତ୍ତିକ ମାସ ପରି ମାସ ନାହିଁ କି ସତ୍ୟ ସମ ଯୁଗ ନାହିଁ। ତେଣୁ କାର୍ତ୍ତିକ ମାସ ଏକ ଧାର୍ମିକ ମାସ ଭାବେ ଅଭିହିତ। ଏହି ମାସରେ ପ୍ରତ୍ୟେକ ନରନାରୀ











କାର୍ତ୍ତିକ ବ୍ରତ ପାଳନ କରିବା ସହ ଶାକାହାର ଭୋଜନ କରିଥାନ୍ତି। ବିଭିନ୍ନ ସାଧୁ ସନ୍ଥମାନଙ୍କର ମତାନୁସାରେ ଯଦିଓ ଯେଉଁ ବ୍ୟକ୍ତି ମାସକ ଯାକ କାର୍ତ୍ତିକ ବ୍ରତ ପାଳନ କରି ନପାରି ମାସର ଶେଷ ପାଞ୍ଚ ଦିନ ପାଳନ କରିଥାଏ ତାକୁ ପରମ ଗତି ପ୍ରାପ୍ତ ହୋଇଥାଏ। ଏହି ପାଞ୍ଚ ଦିନର ମହତ୍ତ୍ୱ କ'ଣ? ଏହି ପଞ୍ଚ "କ"ର ପରିତ୍ୟାଗ। ସେଗୁଡିକ ହେଲା କାମ, କ୍ରୋଧ, କଳହ, କପଟ ଓ କଳଙ୍କ ଏଥିସହିତ କୁମତି, କୁନୀତି, କୁସଙ୍ଗ, କୁପଥ ଏବଂ କୁଭାଷାକୁ ପରିତ୍ୟାଗ କରିପାରିଲେ ମାନବ ସମାଜରେ ଏହି ମାସର ମାହାତ୍ମ୍ୟ ପ୍ରତିଫଳିତ ହେବ। ଆମର ନିଜର କର୍ମ ଉପରେ ଈଶ୍ୱର ଫଳାଫଳ ନ୍ୟସ୍ତ କରିଥାନ୍ତି। ତେଣୁ ଅର୍ଜୁନଙ୍କୁ ଗୀତାରେ ଉପଦେଶ ଦେଲାବେଳେ ଭଗବାନ ଶ୍ରୀକୃଷ୍ଣ କହିଲେ: "ଯସ୍ୟ ସର୍ବେ ସମାରମ୍ଭାଃ କାମ ସଙ୍କଳ୍ପ ବର୍ଜିତାଃ, ଜ୍ଞାନାଗ୍ନି ଦଗ୍‌ଧ କର୍ମାଣଂ ତମାହୁଃ ପଣ୍ଡିତଂ ବୁଧାଃ।"

ଯାହାଙ୍କର ସମସ୍ତ କର୍ମ ଶାସ୍ତ୍ରସମ୍ମତ, କାମନାଶୂନ୍ୟ ଓ ସଙ୍କଳ୍ପଶୂନ୍ୟ ହୋଇଥାଏ ଏବଂ ଯାହାଙ୍କର ସମସ୍ତ କର୍ମ ଜ୍ଞାନରୂପକ ଅଗ୍ନି ଦ୍ୱାରା ଭସ୍ମ ହୋଇଯାଇଥାଏ, ସେହିମାନଙ୍କୁ ମହାପୁରୁଷ ବା ଜ୍ଞାନୀ ବୋଲି ଅଭିହିତ କରାଯାଏ। ତେଣୁ ଏହି ପାଞ୍ଚୋଟି "କ"କୁ ଦିବ୍ୟଜ୍ଞାନୀ ମଣିଷ ନିଜର ବିବେକ ବୁଦ୍ଧି ବଳରେ ବଶୀଭୂତ କରିବା ଦରକାର। ପ୍ରଥମ "କ"ରୁ କାମନା। ଏହି କାମନାର ବିନାଶରେ ମୋହର ବିନାଶ ହୋଇଥାଏ। ଯେଉଁ କାମନା ମଣିଷ ହୃଦୟରେ ସୁପ୍ତ ଭାବରେ ରହି ମଣିଷକୁ ଅନୈତିକ କାର୍ଯ୍ୟ କରିବା ପାଇଁ ପ୍ରେରଣା ପ୍ରଦାନ କରୁଥାଏ ତାକୁ ଦମନ କରିବା ପାଇଁ ମନକୁ ସଦାସର୍ବଦା ଈଶ୍ୱରଙ୍କ ଚରଣାରବିନ୍ଦରେ ଲଗାଇବା ସହ ନିଜର ସମସ୍ତ କର୍ମକୁ ତାଙ୍କ ପାଦରେ ସମର୍ପଣ କରିଦେଲେ କାମନାର ବିନାଶ ହୋଇଥାଏ। ଦ୍ୱିତୀୟ "କ"ରୁ କ୍ରୋଧ। ବେଦରେ କୁହାଯାଇଛି "ନାସ୍ତି କ୍ରୋଧ ସମ ଦୁଃଖ" କ୍ରୋଧଠାରୁ ବଳି ଦୁଃଖ ସଂସାରରେ କିଛି ନାହିଁ । ତେଣୁ ବେଦ କଥାନୁସାରେ ଜ୍ଞାନଚକ୍ଷୁକୁ ଉନ୍ମୀଳିତ କରି କ୍ରୋଧରୂପୀ ଅଶ୍ୱକୁ ଲଗାମ ଦେଇ ରଖିପାରିଲେ ମନୁଷ୍ୟ ସମାଜରେ କ୍ରୋଧ ଦ୍ୱାରା ଜନ୍ମ ନେଉଥିବା ଅନେକ ଅଘଟଣରୁ ନିଜେ ବଞ୍ଚିବା ସହ ସମାଜକୁ ବଞ୍ଚାଇ ପାରିବ। ଆଉ ତିନୋଟି "କ" ଯଥା-କଳହ, କପଟ, କଳଙ୍କ ଏମାନେ ପରସ୍ପର ସହ ଅଙ୍ଗାଙ୍ଗୀ ଭାବେ ଜଡିତ। ଏମାନଙ୍କର ସୃଷ୍ଟି କାମ କ୍ରୋଧରୁ ହୋଇଥାଏ। ଯେଉଁ ବ୍ୟକ୍ତି ଏହି କାମକ୍ରୋଧକୁ ଅଚିରେ କରାଗ୍ରତ କରିପାରେ ତା' ଆଗରେ କପଟ, କଳହ, କଳଙ୍କ ଆପେ ଆପେ ହାର୍ ମାନି ଯାଇଥାନ୍ତି। ସେହିପରି ମନୁଷ୍ୟ ଯଦି କୁମତି, କୁନୀତି, କୁସଙ୍ଗ, କୁପଥ ଓ କୁଭାଷାରୁ ନିଜକୁ ଦୂରେଇ ରଖେ, ତେବେ ସେ ଏକ ସୁସ୍ଥ ସମାଜର ପ୍ରତିଷ୍ଠା କରିବା ସହ ଧାର୍ମିକ ଭାବଧାରା ସମାଜରେ ପ୍ରତିଷ୍ଠା ହୋଇଥାଏ। ତେଣୁ ପୂର୍ବକାଳରେ ମୁନିଋଷିମାନେ ଗଭୀର ଚିନ୍ତା କରି ଏହି ଉପବାସ, ବ୍ରତ, ପୂଜା ପରମ୍ପରାର ସୃଷ୍ଟି କରିଛନ୍ତି। ଉପବାସ ଅର୍ଥ ପ୍ରତ୍ୟେକ ଇନ୍ଦ୍ରିୟର ଉପବାସ, ଆଖିର ଉପବାସ ହେଲା ଖରାପ ଦୃଶ୍ୟ ପ୍ରତି ଧ୍ୟାନ ନଦେବା। କର୍ଣ୍ଣର ଉପବାସ ହେଲା କୁଭାଷା ଅପଶବ୍ଦ ନ ଶୁଣିବା। ନାକର ଉପବାସ ହେଲା ନିଜର ଅଘ୍ରାଣ ଉପରେ ସଞ୍ଜତ ରହିବା। ହସ୍ତର ଉପବାସ ହେଲା କୁକର୍ମରୁ ନିଜର ହସ୍ତକୁ ଦମନ କରିବା। ଏହିପରି ଶରୀରର ପ୍ରତ୍ୟେକ

ଇନ୍ଦ୍ରିୟକୁ ମନରାଜା ଦ୍ୱାରା ବଶୀଭୂତ କରିପାରିଲେ ବ୍ରତ ଉପବାସର ମହତ୍ୱ ଉପଲବ୍ଧି ହୋଇଥାଏ। ମଣିଷକୁ ଅନେକ ସର୍ବଗ୍ରାସୀର ଆଖ୍ୟା ଦେଇଥା'ନ୍ତି। କାରଣ ବାଘ କେବଳ ମାଂସ ଆହାର କରୁଥିଲା ବେଳେ ହାତୀ, ମାଙ୍କଡ, ଏମାନେ ଡାଳପତ୍ର ଭୋଜନ କରିଥାନ୍ତି। ମାତ୍ର ଏ ମନୁଷ୍ୟ ମାଂସ, ମାଛ, ଡାଳ, ପତ୍ର ସବୁ କିଛି ଭକ୍ଷଣ କରି ଦେଉଛି । ଦରକାର ପଡିଲେ ସେ ମଣିଷ ହୋଇ ମଣିଷର ମାଂସ ଭକ୍ଷଣ କରିବାକୁ ମଧ୍ୟ ପଛଘୁଞ୍ଚା ଦେଉନାହିଁ। ପୁରାଣ କଥାନୁସାରେ ବିଶ୍ୱାମିତ୍ର ମଧ୍ୟ ଦୁର୍ଭିକ୍ଷ ସମୟରେ କୁକୁର ମାଂସ ଭକ୍ଷଣ କରି ନିଜ ଶରୀରକୁ ରକ୍ଷାକରିବା ସହ ସେ କୁକୁର ମାଂସ ଭକ୍ଷଣ କରି ଯେଉଁ ପାପ କରିଥିଲେ ନିଜ ତପସ୍ୟା ବଳରେ ତାକୁ ବିମୋଚନ କରିଥିଲେ। ତେଣୁ ଏ ସର୍ବଗ୍ରାସୀ ମନୁଷ୍ୟକୁ ସଂଯତ ରଖିବା ସହ ତା' ମନରେ ଧର୍ମୀୟ ଭାବନା ସୃଷ୍ଟି କରି ତାକୁ ଜୀବହତ୍ୟା ଏକ ମହାପାପ ଏହି ଜ୍ଞାନ ତା' ହୃଦୟରେ ଉଦୟ କରିବା ପାଇଁ ଏହି ପୂଜା ପରମ୍ପରା ବା ପଞ୍ଚକର ସୃଷ୍ଟି। ଭାଗବତରେ ଭଗବାନ କହିଲେ "ମଣିଷ ହୃଦେ ଦିବ୍ୟ ଜ୍ଞାନ, ହସି କହନ୍ତି ଭଗବାନ।" ମାତ୍ର ଆଜି ଭଗବାନଙ୍କର ଏହି ମାର୍ମିକ ବାଣୀକୁ ମିଥ୍ୟା ପ୍ରମାଣିତ କରିଛି ମଣିଷ। ତାର ହୃଦୟରେ ଈଶ୍ୱର ଦେଇଥିବା ଦିବ୍ୟଜ୍ଞାନକୁ ସେ ହରାଇ ନାନାଦି ଅନୈତିକ କାର୍ଯ୍ୟରେ ଲିପ୍ତ ରହୁଛି। ତେଣୁ ମନରୁ ଏହି ପାଞ୍ଚଟି "କ" ବିକାରକୁ ତ୍ୟାଗ କରି ଏକ ସୁସ୍ଥ ସମାଜ ଗଢ଼ିପାରିଲେ ଏହି ପଞ୍ଚକର ମହତ୍ୱ ପ୍ରତିପାଦିତ ହେବ। ଭଗବାନ ଏହି ବିପଥଗାମୀ ମଣିଷକୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ। ଏହି ମାତ୍ର ତାଙ୍କ ପାଦରେ ନୈବେଦ୍ୟ। କିମଧିକମ୍...

*-ସ୍ତମ୍ଭକାର ତଥା ବରିଷ୍ଠ ସାମ୍ବାଦିକ, ଭଗତ୍ ଲେନ୍, ଖୋର୍ଦ୍ଧା, ମୋ: ୮୮୯୫୫୪୭୪୯୦*




# ଜିଆଖତ-ଜୈବିକ କୃଷିର ପ୍ରମୁଖ ଦିଗ

**ସୁବ୍ରତ କୁମାର ମହାନ୍ତି**

ଏକବିଂଶ ଶତାବ୍ଦୀରେ ଏ ଯୁଗ ଉପନୀତ । ଯୁଗ ସହ ଯେମିତି ମଣିଷ ବଦଳୁଛି, ସେମିତି ବଦଳୁଛି ଏ ସମାଜ । ବଦଳି ମଧ୍ୟ ଯାଉଛି ଜୀବନ ଧାରଣର ପ୍ରତ୍ୟେକଟି ଧାରା । ଆଉ ଏଥିରୁ କୃଷି ବା ବାଦ୍ ଯିବ କେମିତି । ପ୍ରଥମେ ଜୈବିକ ପ୍ରଣାଳୀ ଅର୍ଥାତ ଜୈବିକ ସାର, ଜୈବିକ ଉପାୟରେ ରୋଗ ପୋକ ଦମନ ଇତ୍ୟାଦି ବ୍ୟବହାର କରୁଥିବା ମଣିଷ, କ୍ରମବର୍ଦ୍ଧିଷ୍ଣୁ ଜନ ସଂଖ୍ୟାକୁ ଆଖି ଆଗରେ ରଖି ଉତ୍କଟ ରସାୟନର ବ୍ୟବହାର କରେ । ଆଉ ବର୍ତ୍ତମାନ ଉକ୍ତ ଉତ୍କଟ ରସାୟନର କୁପ୍ରଭାବର ଜନସମୁଦାୟକୁ ରକ୍ଷା କରିବା ଲକ୍ଷ୍ୟରେ ପୁନଃ ଜୈବିକ ପଦ୍ଧତି ଆଡ଼କୁ ଅଗ୍ରସର ହୁଏ । ଅତଏବ୍ ଜିଆଖତ ଏକ ପ୍ରମୁଖ ଜୈବିକ ଉପାୟ ଯେଉଁଥିରେ ଜୈବ ଅବଶେଷ ବା ବାୟୋୱେଷ୍ଟର ପୁନଃ ସଦବ୍ୟବହାର ହୋଇପାରେ । ଜଣେ ସାଧାରଣ ଚାଷୀ ପାଇଁ ପରିବେଶ ପ୍ରଦୂଷଣ ତଥା ରସାୟନିକ ସାରର ବର୍ଦ୍ଧିତ ମୂଲ୍ୟ କଥା ବିଚାରକୁ ନେଲେ, ଜିଆଖତ ପ୍ରୟୋଗ ଏକ ଉତ୍ତମ ଜୈବିକ ଉପାୟ ଯାହା ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କମ୍ ଖର୍ଚ୍ଚ ଜୈବିକ ଅବଶେଷକୁ ପୁନଃ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଥାଏ । ଆମେ ଅନେକ ଯାଗାରେ ପଢ଼ିଛେ କୃଷକର ବନ୍ଧୁ ଜିଆ । ତେଣୁ ଜିଆକୁ ପାଳନ କରି କୃଷିଜାତ ଅବଶେଷକୁ ଖାଇବାକୁ ଦେଇ ଜିଆର ମଳ ବା ପାଚନ ନହୋଇଥିବା ଅବଶିଷ୍ଟାଂଶରୁ ବ୍ୟବହାର କରି ଯେଉଁ ଖତ ପ୍ରସ୍ତୁତ କରାଯାଏ ତାକୁ ଜିଆଖତ ବୋଲି ଆଖ୍ୟା ଦିଆଯାଏ, ଏହି ଜିଆଖତରେ ଆପାତତଃ ଶତକଡ଼ା ୩ ପ୍ରତିଶତ ଯବକ୍ଷାରଯାନ, ୧ ପ୍ରତିଶତ ଫସଫରସ, ୧.୫ ପ୍ରତିଶତ ପଟାସିୟମ ରହିଥାଏ । ତତ୍‌ସହିତ ବିଭିନ୍ନ ଜୀବସାର, ରୋଗପ୍ରତିରୋଧକାରୀ ପଦାର୍ଥ ତଥା ବହୁ ଉପକାରୀ ଜୈବତ୍ୱରକ (ଏନ୍‌ଜାଇମ) ରହିଥାଏ ଯାହା କୃଷକ ଅବଶେଷର ଜୈବବିଘଟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଜିଆଖତରେ ପ୍ରୟୋଗ ଫଳରେ ମାଟିର ଉର୍ବରତା ବୃଦ୍ଧିପାଏ ଏବଂ ଯବକ୍ଷାରଜାନ ବିବନ୍ଧନ କରୁଥିବା ବୀଜାଣୁ ଗୁଡ଼ିକ ଉପରେ ଏହା ସୁପ୍ରଭାବ ପକାଇଥାଏ ।



**ପ୍ରସ୍ତୁତି ପ୍ରଣାଳୀ :**

ଜିଆଖତ ପ୍ରସ୍ତୁତିରେ କେତେଗୋଟି ଦିଗପ୍ରତି ଧ୍ୟାନ ଦେବାକୁ ପଡ଼େ ପ୍ରଥମେ ଉତ୍ତମମାନର, ଜିଆଚୟନ କରିବା ଜରୁରୀ ପରିବେଶ, ମୃତ୍ତିକାର ପ୍ରକାର, କୃଷିଜ ଅବଶେଷର ପ୍ରକାର ଇତ୍ୟାଦିକୁ ବିଚାରକୁ ନେଇ ଜିଆର ବିଭିନ୍ନ ପ୍ରଜାତି ଚୟନ କରିବାକୁ ହୁଏ । ସାଧାରଣତଃ ଆମ ଦେଶରେ ଜିଆଖତ ପ୍ରସ୍ତୁତି ପାଇଁ ଦୁଇଟି ଜିଆ ପ୍ରଜାତିକୁ ଚୟନ କରାଯାଉଛି । ସେଗୁଡ଼ିକ ହେଲା ଏଇସିନିଆ ଫୋଏଟିଡ଼ା ଏବଂ ଇଉଡ୍ରିଲସ ଇଉଜେନି, ବଡ଼ କାଠ, ପ୍ଲାଷ୍ଟିକ ବା ସିମେଣ୍ଟ କୁଣ୍ଡ (ସର୍ବାଧିକ ୧ମି ୧ମି ୦.୫ମି) ଯେଉଁଥିରେ ପ୍ରାୟ ୧୫୦୦ ଜିଆର ବ୍ୟବହାର ହୋଇପାରିବ, ତାହାକୁ ନିଆଯାଏ ଏବଂ ଘର ଭିତରେ ଜିଆଖତ ପ୍ରସ୍ତୁତି କରିବା ସବୁବେଳେ ଗ୍ରହଣୀୟ । କୁଣ୍ଡର ତଳସ୍ତରରେ କୃଷିଜାତ ଅବଶିଷ୍ଟାଂଶ (ଜୈବବିଘଟନ ଯୋଗ୍ୟ)ର ,କ ସ୍ତର ଦିଆଯାଏ ଯାହା ୫ ସେ.ମି ଉଚ୍ଚତାର ହୋଇଥାଏ । ତା ଉପରେ ବିଘଟିତ ଗୋବରର ଏକ ୫ ସେମିର ସ୍ତର ଆଚ୍ଛାଦନ କରିବାକୁ ପଡ଼େ । ଏହିପରି ଗୋଟିଏ ପରେ ଗୋଟିଏ ସ୍ତର ଦେଲାପରେ ସର୍ବଉପର ଯଥାଯଥ ଜଳ ସିଞ୍ଚନ କରି ସଂପୂର୍ଣ୍ଣ ଆର୍ଦ୍ରତାକୁ ୩୦ ରୁ ୪୦ ପ୍ରତିଶତ ରଖାଯାଏ । ଏହା ଉପରେ ବିଘଟନକାରୀ ଜିଆକୁ ଛଡ଼ାଯାଏ ଏବଂ ଏହା ଉପରେ କିଛି ମାଟି ଘୋଡ଼ାଇ ସୂର୍ଯ୍ୟାଲୋକ ନ ପଡ଼ିବା ପାଇଁ ଅଖା ଘୋଡ଼ାଇ ଦିଆଯାଏ । ଗାଇଗୋରୁ, ଘୋଡ଼ା, ଘୁଷୁରୀ ଇତ୍ୟାଦି ମାନଙ୍କର ଶୁଖିଲା ମଳ ତଥା ଅବ୍ୟବହୃତ ପନିପରିବା ଅବଶିଷ୍ଟାଂଶ ଜିଆମାନଙ୍କର ଉତ୍ତମ ଖାଦ୍ୟ ରୂପେ କାର୍ଯ୍ୟକାରୀ । ଶୁଖିଲା ଗୋବରକୁ ସେହି ଅବସ୍ଥାରେ ଖାଦ୍ୟ ହିସାବରେ ବ୍ୟବହାର କରାଯାଇପାରେ । କିନ୍ତୁ ଉପରୋକ୍ତ ଅନ୍ୟ ଖାଦ୍ୟ ଗୁଡ଼ିକୁ ଶୁଖିଲା ଗୋବର ସାଙ୍ଗରେ ସମପରିମାଣରେ ମିଶାଇ ଖାଦ୍ୟ ହିସାବରେ ବ୍ୟବହାର କରାଯାଏ । ଯେତେବେଳେ ଖତ ପ୍ରସ୍ତୁତ ହୋଇଥାଏ, ଦୈନିକ ଜଳ ସିଞ୍ଚନ ପ୍ରକ୍ରିୟାକୁ ୨-୩ ଦିନ ପାଇଁ ବନ୍ଦ ରଖାଯାଏ । ତା'ପରେ ଉକ୍ତ ଆର୍ଦ୍ର ଜିଆଖତକୁ ବାହାରେ କିଛି ସମୟ ଗଦା କରି ଶୁଖାଇ ଦିଆଯାଏ । ଖତଗଦାର ଉପରିଭାଗରୁ ଜିଆ ଗୁଡ଼ିକ ତଳକୁ ସ୍ଥାନାନ୍ତରିତ ହୋଇଗଲା ପରେ ଏହା ଉପଯୋଗୀ ହୋଇଥାଏ ।

**ପ୍ରସ୍ତୁତ ସମୟର ସତର୍କତା :**

କେବଳ ଉଦ୍ଭିଦଜାତ ଅବଶେଷ ହିଁ ଜିଆଖତର ପ୍ରାଥମିକ ପଦାର୍ଥ ରୂପେ



ବ୍ୟବହାର ଯୋଗ୍ୟ । ପ୍ରାଣୀଜ ଅବଶେଷ ଯଥା ଅଣ୍ଡାଖୋଳପା, ମାଂସ, ହାଡ଼ ଇତ୍ୟାଦି ଜିଆଖତ ପ୍ରସ୍ତୁତି ପାଇଁ ବ୍ୟବହାର୍ଯ୍ୟ ନୁହେଁ । ଠିଆପାଣି ବା ସ୍ୱଳ୍ପ ଆର୍ଦ୍ରତା ଜିଆ ଉପରେ ନକରାତ୍ମକ ପ୍ରଭାବ ପକାଏ । ସେଥିପାଇଁ ଆର୍ଦ୍ରତା ପରିଚାଳନା ସୂଚାରୁ ରୂପେ କରିବା ସଙ୍ଗେ ସଙ୍ଗେ ଜିଆଗୁଡ଼ିକୁ ପକ୍ଷୀ, ପିମ୍ପୁଡ଼ି, ଉଇ ଏବଂ ମୂଷା ଠାରୁ ରକ୍ଷା କରାଯିବା ଉଚିତ୍ । ଜିଆଖତକୁ ନିୟମିତ ବ୍ୟବଧାନରେ ବାହାର କରାଯିବା ମଧ୍ୟ ବିଧେୟ ।

**ଜିଆଖତର ପ୍ରୟୋଗ :**

କ୍ଷେତ୍ର ଫସଲ ବା ଶ୍ୟ, ଡାଲି ଏବଂ ଅନ୍ୟାନ୍ୟ ଫସଲରେ ହେକ୍ଟର ପିଛା ୨-୩ ଟନ୍ ଜିଆଖତ ବ୍ୟବହାର କରାଯାଏ । ମି ବୁଣିବା



ସମୟରେ ବା ଚାରା ୧୫ ସେ.ମି. ଉଚ୍ଚତା ହେବା ପରେ ଧାଡ଼ିରେ ଏହାର ପ୍ରୟୋଗ ଲାଭ ଦାୟକ ହୋଇଥାଏ । ଫଳଗଛ ଗୁଡ଼ିକରେ ଗଛର ବୟସକୁ ଦୃଷ୍ଟିରେ ରଖି ୫ଗରୁ ପିଛା ୫-୧୦ କି.ଗ୍ରା ଜିଆଖତ ଗଛ ଚାରିପାଖରେ ଏକ ରିଙ୍ଗ ବା ବେସନ୍ କରି ଗୋବରଖତ ସାଙ୍ଗରେ ମିଶାଇ ପ୍ରୟୋଗ ବିଧେୟ । ସେହିପରି ପନିପରିବା ଫସଲର ନର୍ସରୀରେ ହେକ୍ଟର ପିଛା ୧ ଟନ୍ ଜିଆଖତ ଓ ଚାରା ଲଗାଇବାର ୪୫ ଦିନ ପରେ ଜଳସେଚନ ପୂର୍ବରୁ ଗଛ ପିଛା ୫୦୦ ଗ୍ରା. ଜିଆଖତ ପ୍ରୟୋଗ ଅତ୍ୟନ୍ତ ଲାଭପ୍ରଦ ଫୁଲଗଛ ଚାଷ ବେଳେ ହେକ୍ଟର ପିଛା ୭୫୦ କି.ଗ୍ରା ଜିଆଖତ ପ୍ରୟୋଗ କରିବା ଜରୁରୀ ।

ତେଣୁ ଚାଷୀଭାଇମାନେ କୃଷି ବିଶେଷଜ୍ଞ ମାନଙ୍କ ପରାମର୍ଶ କ୍ରମେ ଏହାର ପ୍ରୟୋଗ କଲେ ସୁଫଳ ପାଇପାରିବେ ।

ସହକାରୀ ପ୍ରାଧ୍ୟାପକ,
ଶ୍ରୀ ଶ୍ରୀ ୟୁନିଭର୍ସିଟି, କଟକ

# କୃଷି ଓ କୃଷକ - ଏକ ମାର୍ମିକ ଉଚ୍ଚାରଣ



**ବିଜ୍ଞାନ ରଂଜନ ସାହୁ**

ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ । ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି । ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ । ଏଣୁ ସେମାନେ ଭାଗଚାଷ କରନ୍ତି । ସାଧାରଣତଃ ଗାଁକହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ । ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ । ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି । କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ । ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି । କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି । ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ । ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ । ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି । ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ । ଏହାଦ୍ୱାରା ଅଧିକ ଅମଳ ହୋଇଥାଏ । କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ । ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ । ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି । ଏଣୁ ଜମି ମାଲିକକୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ । ଏଣୁ ଆମେ ଏହାକୁ ରୋକିପାରିବା ନାହିଁ । ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ । ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ । ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି



କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ । ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ । ଏବେ ପ୍ରଶ୍ନ ଉଠୁଚି– ଉତ୍ପାଦନ କରିବ କିଏ ? ଖାଦ୍ୟ ଆସିବ କେଉଁଠାରୁ । ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର । ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ ।



କୃଷକ ପାଠ୍ୟକ୍ରମ :

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା
୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ
୩. ମିଶ୍ରିତ କୃଷି
୪. ଅଧିକ ଅମଳ କରିପାରୁଥିବା ବିହନ
୫. ନୂତନ ଯନ୍ତ୍ରପାତିର ପ୍ରୟୋଗ
୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ । ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ । ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା ।

ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ । ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ । ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ ।

କୃଷି ସ୍ନାତକୋତ୍ତର , ଓୟୁଏଟି

# ଟିଲାପିଆ - ମାଛ ଚାଷରେ ଏକ ନୂଆ ସମ୍ଭାବନା



**ବିଜ୍ଞାନ ମିହିର ରାଉତ**

ଟିଲାପିଆ ମାଛକୁ କେତେକ ଗରିବଙ୍କ ମାଛ ବୋଲି କହନ୍ତି । ଏହାର ମୂଳ ବାସସ୍ଥାନ ଆଫ୍ରିକା । ଆଫ୍ରିକା ମହାଦେଶ ବାହାରେ ସର୍ବପ୍ରଥମେ ଏହାର ଏକ ପ୍ରଜାତି ମୋଜାମ୍ବିକ ଟିଲାପିଆ ଚାଷ ଆରମ୍ଭ ହୋଇଥିଲା । କିନ୍ତୁଏହା କ୍ଷୁଦ୍ର, କମ୍ ଚାହିଦା ଓ କେତେକ ଅନାଦୃତ କାରଣ ବଶତ ଏହାର ଚାଷ ସଫଳ ହୋଇପାରିନଥିଲା । ପରେ ବିଂଶ ଶତାବ୍ଦୀରେ ଏକ ଉନ୍ନତ ପ୍ରଜାତିର ଟିଲାପିଆକୁ ଚାଷ କରାଯାଇ ଅଭୁତପୂର୍ବ ସଫଳତା ହାସଲ କରାଯାଇଥିଲା ।ଏହାକୁ ବିଂଶ ଶତାବ୍ଦୀର ମୁଖ୍ୟ ଜଳଜୀବ ଭାବେ ଗଣା ଯାଉଛି ।ଏହି ମାଛ ଅତ୍ୟନ୍ତ ସହନଶୀଳ ଓ ରୋଗପ୍ରତିରୋଧକ୍ଷମ ହୋଇଥାଏ । ଏହାଛଡ଼ା ୪-୬ ମାସ ଭିତରେ ବିକ୍ରିଯୋଗ୍ୟ ହୋଇଥାଏ । ଏହି ମାଛକୁ ବର୍ତ୍ତମାନ ବ୍ୟବସାୟିକ ଉଦ୍ଦେଶ୍ୟରେ ଚାଷ କରାଯାଉଛି ।

ଟିଲାପିଆର ପ୍ରାୟ ୨୦ଟିପ୍ରଜାତି ମଧ୍ୟରୁ ଅଧିକାଂଶ ଆଫ୍ରିକା ପଶ୍ଚିମପାର୍ଶ୍ୱରେ ଥିବା ନଦୀମାନଙ୍କରେ ମିଳିଥାଏ । ଏଥିରୁ ମୁଖ୍ୟତ ୯ପ୍ରକାରର ପ୍ରଜାତି ଉପଯୁକ୍ତ ମନେ ହୁଏ । ନୀଳନଦୀ ଟିଲାପିଆ ସାରା ବିଶ୍ୱରେ ମୁଖ୍ୟ ଚାଷ ଉପଯୋଗୀ ଟିଲାପିଆ ଭାବେ ଗଣା ହୋଇଥାଏ । ନୀଳ ଟିଲାପିଆ ଶଙ୍କର ଜାତୀୟ ଟିଲାପିଆ ଉତ୍ପନ୍ନ କରିବାରେ ବ୍ୟବହାର କରାଯାଇଥାଏ । ଏହା ସମୁଦାୟ ବିଶ୍ୱର ଟିଲାପିଆ ଉତ୍ପାଦନର ପ୍ରାୟ ଶତକଡ଼ା ୮୦ଭାଗ ହୋଇଥାଏ । ଏଥିପାଇଁ ସାଧାରଣତଃ ଥଣ୍ଡା ଜଳବାୟୁ ଥିବା ପରିବେଶ ଆବଶ୍ୟକ । ମୋଜାମ୍ବିଆ ଟିଲାପିଆ ନୀଳନଦୀ ଟିଲାପିଆର ପ୍ରଜାତି ଅଟେ । ଲାଲ୍ ଟିଲାପିଆ - ଏହା ପ୍ରଥମେ ତାଇୱାନରେ ଉତ୍ପାଦିତ ହୋଇଥିଲା । ଏହା ବର୍ତ୍ତମାନ ସାରା ବିଶ୍ୱରେ ଆଦୃତ ହୋଇପାରିଛି ।

ଉତ୍ପାଦନ- ଟିଲାପିଆ ଉତ୍ପାଦନରେ ମୁଖ୍ୟତ ୧୦ଟି ଦେଶ ଆଗରେ ଅଛନ୍ତି । ତନ୍ମଧ୍ୟରୁ ଏସିଆ ମହାଦେଶରେ ଚୀନ୍ ହେଉଛି ମୁଖ୍ୟ ଟିଲାପିଆ ଉତ୍ପାଦନ କାରୀ ରାଷ୍ଟ୍ର । ବିଶ୍ୱର ଅର୍ଦ୍ଧାଧିକ ଟିଲାପିଆ ଚୀନ୍ ଆସିଥାଏ । ସମୁଦାୟ ଉତ୍ପାଦନର ପ୍ରାୟ ୮୫ ଶତକଡ଼ା ମଧୁର ପାଣିରୁ ଆସିଥାଏ । ଏହାକୁ ଉଭୟ ମଧୁର ଓ କ୍ଷାର ପାଣିରେ ଚାଷ କରାଯାଇପାରେ । ଭେକଟି ମାଛ ଚାଷରେ ଏହାକୁ ମୁଖ୍ୟ ଖାଦ୍ୟଭାବେ ବ୍ୟବହାର କରାଯାଇଥାଏ ।ବିଭିନ୍ନ ଚାଷ ପଦ୍ଧତି- ପିରା ଚାଷ- ହ୍ରଦ ଓ ଜଳଭଣ୍ଡାର ମଧ୍ୟରେ ଟିଲାପିଆ



ଚାଷ କରିବାରେ ଫିଲିପାଇନ୍ସ ଅଗ୍ରଣୀ । ପିରା ଚାଷ ମାଧ୍ୟମରେ ୫ ମାସରେ ୧୦୦ ବର୍ଗମିଟରରେ ୧୭୫ ଗ୍ରାମ ହାରାହାରି ଓଜନର ୫୪୦ କିଗ୍ରା ନୀଳନଦୀ ଟିଲାପିଆ ଉତ୍ପାନନ ହୋଇପାରିଥାଏ । ସେହିପରି ଚୀନ୍, ମାଲେସିଆ ଓ ଡିଂଗାପୁରରେ ଅଧିକାଂଶ ଚାଷୀ ଲାଲ୍ ଟିଲାପିଆକୁ କେନାଲ ବନ୍ଧ ଓ ଜଳଭଣ୍ଡାରରେ ପିଞ୍ଜରା ମଧ୍ୟରେ ସଘନ ଓ ଅର୍ଦ୍ଧସଘନ ଚାଷକଲା ବେଳେ ମଧ୍ୟ ବ୍ୟବହୃତ ହୋଇଥାଏ ।

ପୋଖରୀ ଚାଷ- ଫିଲିଫାଇନ୍ସରେ ଟିଲାପିଆକୁ ଏକୁଲି ଚାଷ ଏବଂ ବାଂଲାଦେଶ, ଚୀନ ଆଦି ରାଷ୍ଟ୍ରରେ ମଶ୍ରିତ ଚାଷ ଭାବେ ବ୍ୟବହାର କରାଯାଇଥାଏ । ଉତ୍ପାଦନ କ୍ଷେତ୍ରରେ ତାଇୱାନ ହେକ୍ଟର ପିଛା ହାରାହାରି ସର୍ବାଧିକ ୧୫-୨୦ ଟନ୍ ହେଉଥିବା ବେଳେ ଚୀନ୍,ଥାଇଲାଣ୍ଡ ଏହା ପଛକୁ ଅଛନ୍ତି । ଫିଲିପାଇନ୍ସରେ ୩-୪ ମାସ ଭିତରେ ୮୦-୯୦ ଶତକଡ଼ା ୧୫୦-୨୦୦ ଗ୍ରାମ ଓଜନର ୪-୭ ଟନ ଟିଲାପିଆ ଉତ୍ପନ୍ନ ହୋଇପାରିବ ।

ସେହିପରି ଦକ୍ଷିଣପୂର୍ବ ଏସିଆରେ ଇଣ୍ଡୋନେସିଆ, ଥାଇଲାଣ୍ଡ, ଭିଏତନାମ ଆଦି ଦେଶରେ ଟିଲାପିଆକୁ ମିଶ୍ରିତ ଚାଷ ଭାବରେ ମଧୁର ପାଣିରେ କୃଷି ଓ ପଶୁପାଳନ ସହ ସମ୍ମୋହିତ ଭାବେ ଚାଷ କରାଯାଇଥାଏ । ନୀଳନଦୀ ଟିଲାପିଆ ଚାଷକୁ ମୁଖ୍ୟତଃ ମଧୁର ପାଣିରେ କରାଯାଇଥାଏ । ଏହାକୁ ତାଇୱାନ, ମାଲେସିଆର କଂକ୍ରିଟ୍ ପୋଖରୀରେ ସଘନ ଚାଷ କରାଯାଇଥାଏ ।

ଏକଲିଙ୍ଗି ଚାଷ- ଟିଲାପିଆ ସାଧାରଣତଃ ୪-୬ ମାସ ବୟସ ମଧ୍ୟରେ ଉତ୍ପାଦନ କାରଯାଇଥାଏ । ଯାହା ଫଳରେ ପୋଖରୀରେ ବହୁଳ ପରିମାଣରେ ବାମନ ଆକୃତି ବିଶିଷ୍ଟ ଟିଲାପିଆ ମାଛ ମିଳିଥାଏ । ସୁତରାଂ ଏହାର ପ୍ରଜନନକୁ ନିୟନ୍ତ୍ରଣ କରିବା ଆବଶ୍ୟକ ହୋଇଥାଏ । ଅଧିକାଂଶ ଚାଷୀ ଏକଲିଙ୍ଗି ଚାଷକୁ ଗୁରୁତ୍ୱ ଦେଇଥାନ୍ତି । ସମୁଦାୟ ଚାଷ ଖର୍ଚ୍ଚର ପ୍ରାୟ ୩୪% କେବଳ ଖାଦ୍ୟ ଦ୍ୱାରା ହୋଇଥାଏ । ପିରା ଚାଷରେ ଖାଦ୍ୟର ବହୁଳ ବ୍ୟବହାର ହେତୁ ଏଥିରେ ଖାଦ୍ୟ ଖର୍ଚ୍ଚ ପ୍ରାୟ ୮୫% ହୋଇଥାଏ । କହିବାକୁ ଗଲେ ଟିଲାପିଆ ଚାଷ ଲାଭଦାୟକ ଅଟେ । ଏହି ଦୃଷ୍ଟିରୁ ଏସିଆ ଓ ଆମେରିକାର ବହୁ ରାଷ୍ଟ୍ର ଏବେ ଟିଲାପିଆ ଉତ୍ପାଦନ ଉପରେ ଗୁରୁତ୍ୱ ଦେଉଛନ୍ତି ।

ମତ୍ସ୍ୟ ଛାତ୍ର,
ଏମ୍.ଏସ୍ ସ୍ୱାମୀନାଥନ କୃଷି ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି
ମୋ- ୭୯୭୮୧୯୬୮୩୪

# ବିଶ୍ୱ ମୃତ୍ତିକା ଦିବସ ଅବସରରେ ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ

ଶ୍ୟାମଳ ସୁବର୍ଣ୍ଣ ଓଡ଼ିଶାର ଏକ ଅଗ୍ରଣୀ କୃଷି ଭିତ୍ତିକ ପତ୍ରିକା ଭାବରେ କୃଷି ଓ କୃଷକର ଉନ୍ନତି ପାଇଁ କାର୍ଯ୍ୟରତ । କୃଷିର ବି୍ଶ, କୃଷକର ବିକାଶକୁ ମୂଳମନ୍ତ୍ର ଭାବେ ବିବେଚନା କରି ବିଗତ ୨୦୧୮ ଏପ୍ରିଲରୁ କୃଷି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରକାଶିତ ଏହି ପତ୍ରିକା ନିରନ୍ତର ଭାବେ ପ୍ରକାଶ ପାଇ ଚାଷୀକୁଳ ପାଖରେ ବେଶ ସ୍ନେହ , ଶ୍ରଦ୍ଧା ସାଉଁଟିପାରିଛି । ଶ୍ୟାମଳ ସୁବର୍ଣ୍ଣ ସବୁବେଳେ କୃଷିର ବିକାଶ ସହ କୃଷକର ବିକାଶ ଉପରେ ଗୁରୁତ୍ୱ ଦେଇଥାଏ । ତେବେ ଆଗାମୀ ଡ଼ିସେମ୍ବର ୫ ତାରିଖ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଶ୍ୟାମଳ ସୁବର୍ଣ୍ଣ ତରଫରୁ ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ କରାଯାଉଛି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାଟି ଓ ଏହାର ଉପାଦେୟତା ବିଷୟରେ ସଚେତନତା ସୃଷ୍ଟି କରାଯିବା ହିଁ ଏହାର ମୂଳ ଲକ୍ଷ୍ୟ । କୃଷି ବିଜ୍ଞାନୀ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ମାଟି ସହ ଜନଜୀବନର ବିଶେଷତା ଉପରେ ସଚେତନତା କରାଇବା ଲକ୍ଷ୍ୟରେ ଆରମ୍ଭ ହୋଇଛି ଏହି କାର୍ଯ୍ୟକ୍ରମ ବୋଲି ପତ୍ରିକାର ସମ୍ପାଦକ ଡ଼ି ଶୁଭମ୍ କହିଛନ୍ତି । ଏହି ପ୍ରବନ୍ଧର ବିଷୟ ବସ୍ତୁ ରହିଛି : ମାଟି –ଚାଷର ଏନ୍ତୁଡ଼ିଶାଳ ଓ ଇଂରାଜୀ ବିଭାଗ ପାଇଁ ବିଷୟ- soil-the life giver of all existence । ଛାତ୍ରଛାତ୍ରୀ ମାନେ ଉଭୟ ଓଡ଼ିଆ ଓ ଇଂରାଜୀରେ ପ୍ରବନ୍ଧ ଲେଖି ୬୦୦-୭୦୦ ଶବ୍ଦ ମଧ୍ୟରେ ୩୦.୧୧.୨୦୨୧ ମଧ୍ୟରେ ପଠାଇବାକୁ ନିବେଦନ କରାଯାଇଛି । ପଠାଇବାର ଠିକଣା - ଇମେଲ- dshuvam97@gmail.com ଓ ଡ଼ାକ ମାଧ୍ୟମରେ – ମାର୍ଫତ- ସମ୍ପାଦକ,ଶ୍ୟାମଳ ସୁବର୍ଣ୍ଣ , ଷ୍ଟେଟ୍ ବ୍ୟାଙ୍କ ପାଖ , ବାସୁଦେବପୁର , ଭଦ୍ରକ ଠିକଣାରେ ପଠାଇପାରିବେ । ପ୍ରତିଯୋଗିତାର ଫଳାଫଳ ଆସନ୍ତା ଡ଼ିସେମ୍ବର ୫ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଘୋଷଣା କରାଯିବା ସହ ଶ୍ରେଷ୍ଠ ତିନିଜଣଙ୍କୁ ମାନପତ୍ର ଦିଆଯିବ ବୋଲି ସମ୍ପାଦକ କହିଛନ୍ତି ।




## ଜୟୀ ରାଜଗୁରୁଙ୍କ ତ୍ୟାଗ, ବଳିଦାନ ଅତୁଳନୀୟ

ଖୋର୍ଦ୍ଧା (ପିଏନ୍): ଭାରତୀୟ ମୁକ୍ତି ସଂଗ୍ରାମର ପ୍ରଥମ ସହୀଦ, ମହାନ ବିପ୍ଲବୀ, ଓଡିଆ ଜାତିର ଅସ୍ମିତା, ବୀରତ୍ୱର ପ୍ରବାଦପୁରୁଷ ଭାବେ ପରିଚିତ ଜୟୀ ରାଜଗୁରୁଙ୍କ ତମ ଜୟନ୍ତୀ ଉତ୍ସବ ସାମାଜିକ ଅନୁଷ୍ଠାନ ବିବେକାନନ୍ଦ ୟୁଥ କ୍ଲବ ପକ୍ଷରୁ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଗଡଖୋର୍ଦ୍ଧା ଛକ ସ୍ଥିତ ପଂଚପାଇକ ପୀଠ ପରିଷ୍କାର ସହ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ 'ପାଇକ ବିଦ୍ରୋହ ସଂଗ୍ରାମରେ ଜୟୀ ରାଜଗୁରୁ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ଯୋଗ ଦେଇ କହିଲେ ଯେ, ଜୟୀ ରାଜଗୁରୁଙ୍କ ବୀରତ୍ୱ, ଗାରିମା, ଦେଶପ୍ରେମ ଅତୁଳନୀୟ। ତିଥି ଅନୁସାରେ ପବିତ୍ର ଅଳାଁ ନବମୀରେ ଏହି ମହାନ ସ୍ୱାଧିନତା ସଂଗ୍ରାମୀ ଜନ୍ମଗ୍ରହଣ କରିଥିଲେ। ଜୟୀ ରାଜଗୁରୁଙ୍କ ପ୍ରକୃତ ନାମ ଜୟକୃଷ୍ଣ ରାଜଗୁରୁ ମହାପାତ୍ର। ସେ ଖୋର୍ଦ୍ଧା ଗଜପତି ମୁକୁନ୍ଦଦେବ ଦ୍ୱିତୀୟଙ୍କ ରାଜଦରବାରରେ ରାଜଗୁରୁ ସହ ସେନାବାହିନୀର ମଧ ମୁଖ୍ୟ ଥିଲେ। ପୁରୀ ଜିଲାର ବୀରହରେକୃଷ୍ଣପୁର ଗ୍ରାମରେ ଚାନ୍ଦ ରାଜଗୁରୁ ଓ ମାତା ହାରାମଣି ଦେବୀଙ୍କ ଔରସରୁ ଜାତ ଜୟୀ ପିଲାବେଳୁ ସ୍ୱାଧିନଚେତା ଏବଂ ନିର୍ଭୀକ ଥିଲେ। ମୁକୁନ୍ଦଦେବ ଦ୍ୱିତୀୟ ନାବାଳକ ରାଜା ଥିବାରୁ ସମସ୍ତ ରାଜକାର୍ଯ୍ୟରେ ଗଜପତିଙ୍କୁ ସହଯୋଗ କରୁଥିଲେ। ବ୍ରିଟିଶମାନେ ଓଡ଼ିଶାରୁ ମରହଟାମାନଙ୍କୁ ହଟାଇବା ପାଇଁ ଖୋର୍ଦ୍ଧା ରାଜାଙ୍କ ସହାୟତା ଲୋଡିଥିଲେ। ପ୍ରତିଦାନସ୍ୱରୂପ ମରହଟାମାନେ ଗଜପତିଙ୍କଠାରୁ ଛଡାଇ ନେଇଥିବା ଚାରି ପ୍ରଗଣା ରାହାଙ୍ଗ, ସରାଇ, ଚବିଶକୁଦ ଓ ଲିମ୍ବାଇ ଫେରାଇବେ। ତେବେ ଯୁଦ୍ଧରେ ବିଜୟ ଲାଭ ପରେ ଇଂରେଜମାନେ ପ୍ରତିଶ୍ରୁତି ରକ୍ଷାକଲେ ନାହିଁ। ଫଳରେ ୧୮୦୪ରେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ପାଇକ ବୀରମାନେ ଇଂରେଜ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ। ଯୁଦ୍ଧରେ ପରାସ୍ତ ହୋଇ ନାବାଳକ ରାଜାଙ୍କୁ ବଂଚାଇବାକୁ ଯାଇ ସମସ୍ତ ଦୋଷ ନିଜ ଉପରକୁ ନେଇଥିଲେ। ୧୮୦୬ ମସିହା ଡିସେମ୍ବର ୬ ତାରିଖରେ ମେଦିନାପୁର ନିକଟବର୍ତ୍ତୀ ବାଘୀତୋଟାର ବରଗଛର ଦୁଇଟି ଡାଳକୁ ଭିଡିଆଣି ବିପ୍ଲବୀ ଜୟୀଙ୍କ ଦୁଇଗୋଡ ବାନ୍ଧି ଡାଳ ଦୁଇଟିକୁ ଛାଡି ଦିଆଗଲା। ତାଙ୍କ ଶରୀର ଦୁଇ ଫାଳ ହୋଇଗଲା। ଅତି ନିର୍ମମ ଭାବେ ତାଙ୍କୁ ହତ୍ୟା କରାଯାଇଥିଲା। ଓଡ଼ିଆ ଜାତି ତାଙ୍କ ନିକଟରେ ସର୍ବଦା ନମସ୍ୟ। ତାଙ୍କ ତ୍ୟାଗ, ବଳିଦାନ ଅତୁଳନୀୟ। ଖୋର୍ଦ୍ଧା ଜିଲା ସିଟିଜେନ ଫୋରମ ସଭାପତି ପ୍ରଭାତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଯେ, ଜୟୀ ପାଇକ ବିଦ୍ରୋହର ବୀଜ ବୁଣିଥିଲେ। ପରବର୍ତ୍ତୀ ସମୟରେ ଏହା ଭୟଙ୍କର ରୂପ ଧାରଣ କରିଥିଲା। ଏହାର ଅନେକ ପ୍ରସଙ୍ଗ ଆଜି ବି ସମାଜର ଆଢୁଆଳରେ ରହିଯାଇଛି। ଏହା ଗବେଷଣାସାପେକ୍ଷ ବୋଲି ସେ କହିଥିଲେ। ଅନୁଷ୍ଠାନ ସମ୍ପାଦକ ପ୍ରଭାତ ପାଣିଗ୍ରାହୀ କହିଲେ, ଇତିହାସକୁ ଭୁଲିଗଲେ ଐତିହ୍ୟ ନଷ୍ଟ ହୋଇଯିବ। ୧୮୦୪ ମସିହାରେ ଜୟୀ ରାଜଗୁରୁଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଯୁଦ୍ଧ, ୧୮୧୭ରେ ଗଣଯୁଦ୍ଧରେ ପରିଣତ ହୋଇଥିଲା। ପାଇକ ସଂଗ୍ରାମର ମୂଳଦୁଆ ଜୟୀ ରାଜଗୁରୁଙ୍କ ଦ୍ୱାରା ପଡିଥିଲା। ଅଥଚ ଭାରତ ଅଥବା ଓଡ଼ିଶା ସରକାର ତାଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ଭାରତର ପ୍ରଥମ ସହୀଦର ଆଖ୍ୟା ପ୍ରଦାନ କରିନାହାନ୍ତି। ସେ ଜଣେ ସ୍ୱାଧିନତା ସଂଗ୍ରାମୀ ବୋଲି ଗ୍ରହଣ କରିନାହାନ୍ତି। ଜୟୀ ରାଜଗୁରୁଙ୍କୁ ଯେପରି ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା ତାହା ପୃଥିବୀ ଇତିହାସରେ ଏପରି ଘଟିନାହିଁ। ତାଙ୍କ ସଂଗ୍ରାମମୟ ଜୀବନୀ ଲୋକଲୋଚନକୁ ଆସିବା ଦରକାର। ଆଜି ମଧ ତାଙ୍କ ଫାଶୀସ୍ଥାନକୁ ନେଇ ଐତିହାସିକମାନଙ୍କ ମଧ୍ୟରେ ଦ୍ୱିମତ ରହିଛି। ଇତିହାସରେ ଜୟୀଙ୍କୁ ଉପଯୁକ୍ତ ସ୍ଥାନ ଦିଆଯାଇନାହିଁ। ଯୁବ ସାମାଜିକ କର୍ମୀ ଅବ୍ୟକ୍ତ ହରିହର ଖାଡଙ୍ଗା, ପ୍ରବୀଣ ଭଞ୍ଜ, ଦିଲୀପ ପଟ୍ଟନାୟକଙ୍କ ସମେତ ବିଜେବି ହାଇସ୍କୁଲର ଛାତ୍ର ପ୍ରତ୍ୟୁଷ ମହାପାତ୍ର, ତନ୍ମୟ ମାର୍ଥା, ପ୍ରିୟରଞ୍ଜନ ବିଶ୍ୱାଳ, ଓମ ପ୍ରକାଶ ସୁବୁଦ୍ଧି, ବିଷ୍ଣୁ ଗୋଛି ପ୍ରମୁଖ ଉପସ୍ଥିତ ଥିଲେ।

## ଚକ୍ରଧରପୁର ସମିତିସଭ୍ୟ ଉପନିର୍ବାଚନ ପାଇଁ ପୁଲିଂ ପାର୍ଟି ବୁଥ୍‌ରେ ପହଁଚିଲେ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଚକ୍ରଧରପୁର ପଂଚାୟତ ସମିତିସଭ୍ୟ ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ ହେବାକୁ ଥିବା ବେଳେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପୁଲିଂ ପାର୍ଟି ବ୍ଲକ କାର୍ଯ୍ୟାଳୟରୁ ସମସ୍ତ ପ୍ରକାର ସରଂଜାମ ଧରି ଗତକାଲି ଦିନ ୧୨ଟା ସୁଦ୍ଧା ବୁଥରେ ପହଁଚିଯାଇଛନ୍ତି। ଚକ୍ରଧରପୁର ପଂଚାୟତ ସମିତି ସଭ୍ୟ ଉପନିର୍ବାଚନରେ ପ୍ରାର୍ଥୀ ଭାବେ ସୌମ୍ୟରଂଜନ ସାହୁ, ଗୋପବନ୍ଧୁ ସିଂ, ବିଭୁତି ଭୁଷଣ ଜେନାମଣି ଓ କିଷାନ ପୁର୍ତୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଏଠାରେ ୧୩୦୫ ପୁରୁଷ ଓ ୧୨୪୪ ଜଣ ମହିଳା ମୋଟ ୨୫୫୯ ଭୋଟର ମତଦାନ କରିବେ। ଏହି ପଂଚାୟତରେ ସମସ୍ତ ୧୧ ଗୋଟି ବୁଥକୁ ଉତେଜନା ପ୍ରବଣ ବୁଥ ଭାବେ ପରିଗଣିତ କରାଯାଇଛି। ଆଜି ସକାଳ ୭ରୁ ମତଦାନ ଆରମ୍ଭ ହୋଇ ଦିନ ୧ଟାରେ ଶେଷ ହେବ। ଭୋଟ ନିମନ୍ତେ ୪୮ ଜଣ ପୁଲିଂ କର୍ମଚରୀ ନିୟୋଜିତ ହୋଇଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୨ଟି ପେଟ୍ରୋଲିଂ ଟିମ ଓ ୧ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ବେଳେ ପ୍ରତ୍ୟେକ ବୁଥରେ ୩ଜଣ ପୁଲିଂ ଅଫିସର ଓ ଜଣେ ପୁଲିସ କର୍ମଚାରୀ ମୁତୟନ ହୋଇଛନ୍ତି। ମତଦାନ ଶେଷ ହେବା ପରେ ଭୋଟବାକ୍ସକୁ ସିଲ କରାଯାଇ ବ୍ଲକ କାର୍ଯ୍ୟାଳୟକୁ ଅଣାଯିବ। ୫ ତାରିଖ ସକାଳ ୮ଟାରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ବୋଲି ବିଡିଓ ଶ୍ରୀ ବଳ ସୂଚନା ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ କୁମାରୀ ଓ ଚକ୍ରଧରପୁରପୁର ପଂଚାୟତରୁ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇ ଚକ୍ରଧରପୁର ପଂଚାୟତର ସମିତିସଭ୍ୟ ପଦରୁ ଇସ୍ତଫା ଦେବା ପରେ ଏହି ପଦଟି ଖାଲିପଡିଥିବାରୁ ଏହି ଉପନିର୍ବାଚନ ହୋଇଛି।

## ଗୀତାଜାଗରଣ ପରିଷଦ ପକ୍ଷରୁ ଭାଗବତ କଥାମୃତ ଆଲୋଚନା ଉଦ୍‌ଘାଟିତ



ଯାଜପୁର (ପିଏନ୍): ଯାଜପୁରର ପବିତ୍ର ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ସପ୍ତଦିବସ ବ୍ୟାପୀ ଭାଗବତ କଥାମୃତ ଆଲୋଚନା ଓ ବୋଇତ ବନ୍ଦାଣ ଉତ୍ସବକୁ ଯାଜପୁରର ଅତିରିକ୍ତ ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାଶ ଉଦ୍‌ଘାଟକଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଗୀତା ଜାଗରଣ ପରିଷଦର ସଭାପତି ଆଡ୍‌ଭୋକେଟ୍ ପ୍ରତିମା କରଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଆକାଶ ଦୀପ ପ୍ରଜ୍ଜ୍ୱଳନ କରାଯିବା ସହିତ ପବିତ୍ର ବୈତରଣୀ ନଦୀ ତଟରେ ବୈତରଣୀ ମାତାଙ୍କୁ ବନ୍ଦାପନା କରାଯାଇଥିଲା। ଉପସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ ସ୍ତୋତ୍ର ପାଠ କରିଥିଲେ। ସଂପାଦକ ଭାସ୍କର ଚନ୍ଦ୍ର ମହାନ୍ତି ଅତିଥି ମାନଙ୍କୁ ସ୍ୱାଗତ ଓ ପରିଚୟ ପ୍ରଦାନ କରିବା ସହିତ ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସଂସ୍କୃତବିତ୍ ପଣ୍ଡିତ ଭୂପତିଭୂଷଣ ମିଶ୍ର ଯୋଗଦେଇ ଭାଗବତ ସମସ୍ତ ଧର୍ମଗ୍ରନ୍ଥମାନଙ୍କ ମଧ୍ୟରେ ଉତ୍ତମ ଅଟେ ଏବଂ ଏହା ପାଠ କରିବା ଦ୍ୱାରା ମନୁଷ୍ୟର ସମସ୍ତ ପାପ ଖଣ୍ଡନ ହୋଇଥାଏ ବୋଲି ସେ ବକ୍ତବ୍ୟ ଦେଇଥିଲେ। ଅବସରପ୍ରାପ୍ତ ପ୍ରଶାସକ ବନବିହାରୀ ମହାପାତ୍ର ଯୋଗଦେଇ ଭାଗବତର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରେରଣା ପଣ୍ଡା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ପୂର୍ବାହ୍ନରେ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୀତାଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ବସନ୍ତ କୁମାର ପତି, ପଣ୍ଡିତ ବାସୁଦେବ ମିଶ୍ର, ଅଧ୍ୟାପକ ରମାକାନ୍ତ ବରାଳ ବିଚାରକ ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ଗଦାଧର ରାଉତ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ସୁବାସ ମହାପାତ୍ର, ରବିନାରାୟଣ କର, ହୃଷିକେଶ ପତି, ସନ୍ତୋଷ ସ୍ୱର୍ଣ୍ଣକାର, ସାଂସ୍କୃତିକ ସମ୍ପାଦକ ଗୁଣମଣି ପାଣିଗ୍ରାହୀ, ପାଗଳା ପାଣି, ସମିର ନାୟକ, ଅକ୍ଷୟ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସହ-ସଂପାଦକ ବୃନ୍ଦାବନ ମିଶ୍ର ଧନ୍ୟବାଦ ଦେଇଥିଲେ।

## ମାତୃଭୂମି ସେବା ସଂସ୍ଥାର ଗୋପବନ୍ଧୁ ଜୟନ୍ତୀ ପାଳନ

ବାଲେଶ୍ୱର (ପିଏନ୍)- ମାତୃଭୂମି ସେବା ସଂସ୍ଥା ତରଫରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୫ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ଏବଂ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ପ୍ରଦୀପ କୁମାର ମିଶ୍ର, ଦୁଷ୍ମନ୍ତ ସାର୍, ନାଟ୍ୟକର ବିଜୟ କୁମାର ମହାକୁଡ଼, ସେବା ସଂଗଠନ ଓଡ଼ିଶାର ଅଧ୍ୟକ୍ଷ ତଥା ବଡ଼ପାଳ ସରପଞ୍ଚ କମଳ ଲୋଚନ ପଣ୍ଡାଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଗୋପବନ୍ଧୁ ଦାସଙ୍କ ଜୀବନୀ ଉପରେ ଆଲୋଚନା କରିବା ସହ ଆଗାମୀ ଦିନରେ ସଂଗଠନର ନିଃସ୍ୱାର୍ଥପର ସେବା ଜାରି ରହିବ ବୋଲି ମତ ବ୍ୟକ୍ତ କରିଥିଲେ।

## ଯୋଜନାର ପାର୍ଶ୍ୱ ପ୍ରତିକ୍ରିୟା



ଯୋଜନା ଅର୍ଥାତ୍ ସରକାରୀ ଯୋଜନା। ଆଜି ଦିନରେ ସରକାରଙ୍କ ଯେତେ ଯୋଜନା ଆସୁଛି, ତନ୍ମଧ୍ୟରେ ଅଧିକାଂଶ ଭୋଟକୈନ୍ଦ୍ରିକ। କେତେଗୁଡିଏ ଯୋଜନା କେବଳ ଲୋକମାନଙ୍କୁ ନିଜ ନେତାମାନଙ୍କ ଆଡକୁ ଆକୃଷ୍ଟ କରିବା ପାଇଁ ଉଦ୍ଦିଷ୍ଟ। ନୂଆଖାଇରେ କାଳିଆ ଟଙ୍କା ଆବଂଟନକୁ ଏକ ଦୃଷ୍ଟାନ୍ତ ଭାବରେ ମଧ ନିଆଯାଇପାରେ। କରଦାତାଙ୍କର କୋଟିକୋଟି ଟଙ୍କା ବଂଟାଗଲା ସତ ହେଲେ ତାର ସୁଫଳ ସେହି ଅନୁସାରେ ମିଳିବା ଅସମ୍ଭବ ପରି ଦିଶୁଛି। ଯାହା ପ୍ରଚାର ପ୍ରସାର ହେଉଛି ତାହା ବାସ୍ତବିକତାଠାରୁ ଢେର ଦୂରରେ। ହଁ! ସରକାରଙ୍କୁ ନାଁ ମିଳିଲା, ଭୋଟ ମଧ ମିଳିବ। ହେଲେ ଦେଶଦଶର ଉନ୍ନତିରେ ଏପରି ମାଗଣା ବଂଟନ ପ୍ରକ୍ରିୟା ବିଶେଷ ଭାବରେ ବାଧକ ସୃଷ୍ଟି କରିବା ସ୍ୱାଭାବିକ। ଏମିତି ଏକ ଯୋଜନା ଟଙ୍କିକିଆ ଚାଉଳ। ଟଙ୍କିକିଆ ଚାଉଳ ବଂଟନ ବାବଦକୁ ସରକାର ଯାହା ଖର୍ଚ୍ଚ କରୁଛନ୍ତି ତାହା ଶୁଣିଲେ ସାଧାରଣ ଲୋକଙ୍କ ହୋସ୍ ଉଡିଯିବ। ପ୍ରାୟ ଅଠାବନ ଲକ୍ଷ ପରିବାର ପାଇଁ ଦୁଇଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରତିବର୍ଷ ଖର୍ଚ୍ଚ ହେଉଛି। ଏହା ଏକ ଏମିତି ଯୋଜନା, ଯାହାକୁ କେହି ସର୍ବସମକ୍ଷରେ ପ୍ରଶଂସା କରିବାର ଦେଖାଯାଉନି ସତ; କିନ୍ତୁ ନେତାଙ୍କଠାରୁ ଜନତା ସମସ୍ତେ ଏହାର ପକ୍ଷଧର। ଏହାକୁ ବନ୍ଦ କରିବା କାଠିକର ପାଠ। ଯେଉଁ ଦଳ ବି ସରକାରରେ ରହୁ, ଏପରି ଯୋଜନାକୁ ବନ୍ଦ କଲା ମାତ୍ରକେ ଜନତା ଆକ୍ରୋଶର ଶିକାର ହୋଇ ସରକାର ଯିବାଟା ଥୟ।

ଅନ୍ୟମାନଙ୍କ କଥା ଛାଡନ୍ତୁ, ଯେଉଁମାନଙ୍କୁ ଏହି ଚାଉଳ ମିଳୁଛି, ସେମାନଙ୍କ ମଧ୍ୟରୁ ନବେ ପ୍ରତିଶତ କୃଷକ। ଜମି ଅଛି, କିନ୍ତୁ ଚାଷ କରୁନାହାନ୍ତି। କାରଣ ସେ ଯଦି ଧାନଚାଷ କରି ଚାଉଳ ପେଷେଇବେ ଚାଉଳ କିଲୋ ଅତି କମ୍‌ରେ କୋଡିଏ ଟଙ୍କା ଉପରେ ସେମାନଙ୍କୁ ଦେୟ ପଡିବ। ତା'ପରେ ସମସ୍ତେ ତ' ଟଙ୍କିକିଆ ଚାଉଳ ଖାଇ ଗାଁମୁଣ୍ଡ ବରଗଛ ଛାଇ ପଡିଥିବା ଚାନ୍ଦିନିରେ ଦିନରାତି ତାସ ଖେଳରେ ସମୟ କାଟିଲେ, ମୂଲ କିଏ ଲାଗିବ? ଆଜିକାଲି ମୂଲିଆ ମଜଦୂର୍ ବି ଗାଁଗହଳିରେ ଆଉ ବିଲବାଡି କାମ ପାଇଁ ମିଳୁନାହାନ୍ତି। ସବୁ କାମ କ'ଣ ଯନ୍ତ୍ରଦ୍ୱାରା ସମ୍ଭବ! ପୁରୁଷ ଲୋକ ଅଳସୁଆ କର୍ମକୋଢ଼ ହେଲାବେଳକୁ ସ୍ତ୍ରୀ ଲୋକମାନେ ଆଉ ପାଣି କୂଅରୁ କାଢିବାକୁ ସୁଯୋଗ ପାଉନାହାନ୍ତି। ସବୁ ଗାଁରେ ନଳକୂପ ଓ ସପ୍ଲାଏ ପାଣି ଯୋଜନା ପହଁଚିବ। ଧାନ ଶୁଖା, ଧାନ ବସା, ଉଷୁନା ଧାନ ପାଇଁ ଖରାରେ କେତେ ପରିଶ୍ରମ ହେଉଥିଲା, ଆଉ ସେଗୁଡା କିଛି ନାହିଁ। ଅମଳ ପରେ ସିଧା ବସ୍ତାଭରି ମଣ୍ଡିକି ଚାଲିଲେ। ନାରଣା କହୁଛି ବିଲଧାନର ଚାଉଳ ଅପେକ୍ଷା ଟଙ୍କିକିଆ ଚାଉଳ ସୁଆଦିଆ, ତା' ଛୁଆମାନେ ନିଜ ଜମି ଚାଉଳ ଖାଇବାକୁ ମଙ୍ଗୁନାହାନ୍ତି। ଗହିରମଥା ଉପରୁ ଆଉ ଆମର କ୍ଷେତଖଳିହାନ ଆଗପରି ସବୁଜିମାଭରା ଦିଶୁନି କି ଚାଷୀପୁଅର ବଳିଷ୍ଠ ବପୁବାଲା ଚେହେରା ଆଉ ନାହିଁ। ସେ କାଳ ଲଙ୍ଗଳ ଯୁଆଳୀ ଶଗଡଦଣ୍ଡା ଖଳା ପରମ୍ପରା ଆଉ ଅଳ୍ପ ଦିନରେ ଇତିହାସ ପାଲଟିବାକୁ ବସିଲାଣି। ଏଣୁ ସରକାରଙ୍କ ନିକଟରେ ଏକ ବିନମ୍ର ପ୍ରାର୍ଥନା ଯେ ସବୁ ଯୋଜନାର ପାର୍ଶ୍ୱ ପ୍ରତିକ୍ରିୟାଗୁଡିକୁ ପୁନର୍ବାର ତର୍ଜମା କରାଯାଉ। ଯେଉଁସବୁ ଯୋଜନା ମଣିଷକୁ କର୍ମକୋଢ଼ ଅଳସୁଆ କରୁଛି ଏବଂ ସମାଜକୁ ଏକ ବିଧ୍ୱଂସକ ପରିଣତି ଆଡକୁ ଟାଣିନେଉଛି, ସେଗୁଡିକୁ ସସାହସର ସହ ବନ୍ଦ କରାଯାଇ ଦେଶଦଶର ଉନ୍ନତି ବିଷୟରେ ଚିନ୍ତା କରାଯାଉ!

**—ଇଂ. ବିଦ୍ୟାଧର ପଣ୍ଡା, ସମ୍ପାଦକ,** ଦୈନିକ ଓଡିଆ -ସତ୍ୟାଗ୍ରହୀ- ମୋ-୯୪୩୯୧୨୮୦୫୦, ଏଲ୍-୧୭/୧୫, ଡୁମୁଡୁମା,ଭୁବନେଶ୍ୱର-୭୫୧୦୧୯

## ଅନୁମତି ନମିଳିବାରୁ ସୂଚନା ଅଧିକାର କର୍ମୀଙ୍କ ତହସିଲ ସମ୍ମୁଖରେ ଧାରଣା ବାତିଲ

ଧର୍ମଶାଳା (ପିଏନ୍): ଧର୍ମଶାଳା ଅଂଚଳର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ତହସିଲ ସମ୍ମୁଖରେ ଧାରଣା ଦେବା ପାଇଁ କରିଥିବା ଆବେଦନକୁ ପ୍ରଶାସନ ତରଫରୁ ଅନୁମତି ନମିଳିବା ଯୋଗୁଁ ଧାରଣା ବାତିଲ କରାଯାଇଛି। ସୂଚନା ଅଧିକାର କର୍ମୀ ଶ୍ରୀ ବେହୁରିଆ ବହୁ ଘଟଣା ଉପରେ ଆରଟିଆଇ ମାଧ୍ୟମରେ ବିଭିନ୍ନ କାର୍ଯ୍ୟାଳୟରୁ ତଥ୍ୟ ମାଗିଥା'ନ୍ତି। ତେବେ ଗତ ୩ ମାସ ହେଲା ସେ ଏକ ଘଟଣା ଉପରେ ଧର୍ମଶାଳା ତହସିଲରୁ ଏକ ସୂଚନା ମାଗିଥିବା ବେଳେ ତହସିଲ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇ ନଥିଲା। ତେବେ ସେ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦୌଡି ଦୌଡ଼ି ନିରାଶ ହେବା ପରେ ଯଦି ତାଙ୍କୁ କିଛି ତଥ୍ୟ ନମିଳେ ତେବେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୪ ତାରିଖରୁ ଧାରଣା ଦେବେ ବୋଲି ତହସିଲଦାରଙ୍କୁ ୧୫ ଦିନ ପୂର୍ବରୁ ଲିଖିତ ଭାବେ ଅବଗତ କରିଥିଲେ। ଏହି ଧାରଣା ଦେବା ପାଇଁ ସରକାରଙ୍କ ସମସ୍ତ ନୀତିନିୟମକୁ ମାନି ସେ ପ୍ରଶାସନ ନିକଟରେ ଆବେଦନ କରିଥିଲେ। ହେଲେ ଶେଷ ମୁହୂର୍ତ୍ତରେ ପ୍ରଶାସନ ତାଙ୍କୁ ଅନୁମତି ପ୍ରଦାନ କରିନାହିଁ। ଯାହାଫଳରେ ଶ୍ରୀ ବେହୁରିଆ ମ୍ରିୟମାଣ ହୋଇପଡିଛନ୍ତି। ସରକାରଙ୍କ ସମସ୍ତ ନିୟମ ମାନି ଗଣତନ୍ତ୍ରିକ ପଦ୍ଧତିରେ ଧାରଣା ଦେବା ପାଇଁ ସେ ସମସ୍ତ ପ୍ରକାର ବ୍ୟବସ୍ଥା ସାରିଦେଇଥିବା ବେଳେ ଧର୍ମଶାଳା ପୁଲିସ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡିବାର ଆଳ ଦେଖାଇ ଅନୁମତି ପ୍ରଦାନ ନକରିବକୁ ଯାଜପୁର ଉପଜିଲ୍ଲାପାଳଙ୍କୁ ଚିଠି ଲେଖିଥିଲେ। ଯାହାଫଳରେ ଶେଷ ମୁହୂର୍ତ୍ତରେ ଉପଜିଲ୍ଲାପାଳ ଅନୁମତି ପ୍ରଦାନ କରିନଥିଲେ। ଫଳରେ ଶ୍ରୀ ବେହୁରିଆ ନିଜର ଗଣତାନ୍ତ୍ରିକ ଅଧିକାରରୁ ବଂଚିତ ହୋଇଛନ୍ତି। ତେବେ ଏଥିପାଇଁ ଧର୍ମଶାଳା ଥାନା ଅଧିକାରୀଙ୍କୁ ଦାୟୀ କରିବା ସହ ଏନେଇ ତାଙ୍କ ସମର୍ଥକଙ୍କ ସହ ସେ ଯାଜପୁର ଏସପିଙ୍କୁ ଭେଟିବେ ବୋଲି ସୂଚନା ଦେଇଛନ୍ତି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ଘଷିପୁରା (ପିଏନ୍): ଘଷିପୁରା ବ୍ଲକ ବାତୋ ପଂଚାୟତ ଅନ୍ତର୍ଗତ ତମ୍ପୋ ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ବ୍ରଜେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଙ୍କଜ ଜେନା ଓ ଗୋଲଖ ବିହାରୀ ବରାଳଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବ୍ରଜେଶ୍ୱରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗନ୍ନାଥ ବରାଳଙ୍କ ସଂଯୋଜନାରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରୀନାରାୟଣ ପାତ୍ର ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଘଷିପୁରା ବ୍ଲକ ଶିକ୍ଷାଧିକାରୀ ତପୋଧନ ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ଆନନ୍ଦପୁର ବ୍ଲକର ଅବସରପ୍ରାପ୍ତ ଶିକ୍ଷାଧିକାରୀ ଶରତ କୁମାର ରାଉତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ଖୁଣ୍ଟିଆ, ବ୍ରଜେଶ୍ୱରୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ନରହରି ଜେନା, ଜିଲ୍ଲାପରିଷଦ ସଭ୍ୟ ସଂଜୟ କୁମାର ମଲ୍ଲିକ, ବାତୋ ସରପଂଚ ଝରଣା ଜେନା, ସମିତିସଭ୍ୟ ତରଣୀସେନ ବରାଳ, ନିଖିଳ ଉତ୍କଳ ଶିକ୍ଷକ ସଂଘ ସଭାପତି ଗୋବର୍ଦ୍ଧନ ଜେନା, କେନ୍ଦ୍ର ସଂଯୋଜକ ପ୍ରଦ୍ୟୁମ୍ନ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଉପସ୍ଥିତ ଅତିଥିମାନେ ଦୁଇ ବିଦାୟୀ ପ୍ରଧାନଶିକ୍ଷକଙ୍କ ମହନୀୟତା ଓ ଗୁଣାବଳୀ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ସେମାନଙ୍କ ଅବସର ସମୟ ସୁସ୍ଥ ଓ ନିରାମୟ ହେବାକୁ କାମନା କରିଥିଲେ। ପରେ ମୁଖ୍ୟଅତିଥିଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଦୁଇ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ, ପୁରାତନ ଛାତ୍ରଛାତ୍ରୀଙ୍କ ସମେତ ତମ୍ପୋ ଗ୍ରାମବାସୀ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ହତ୍ୟା

ବାଲେଶ୍ୱର (ପିଏନ୍)- ଖନ୍ତାପଡା ଥାନା ଅନ୍ତର୍ଗତ ଖନ୍ତାପଡ଼ା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜନୈକ ଯୁବକଙ୍କୁ ହତ୍ୟା କରି ରାସ୍ତାକଡ଼ରେ ଫିଙ୍ଗି ଦିଆଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଗ୍ରାମର କରୁଣାକର ପଣ୍ଡାଙ୍କ ପୁଅ ଅଭୟ କୁମାର ପଣ୍ଡାଙ୍କ ସହ ଗ୍ରାମର କିଛି ଲୋକଙ୍କର ବିବାଦ ଲାଗିରହିଥିଲା। ଗ୍ରାମର ମଧ୍ୟସ୍ଥି ଦ୍ୱାରା ଦୁଇଦିନ ପୂର୍ବେ ଏହାର ଆପୋଷ ସମାଧାନ କରାଯାଇଥିଲା। ଗତକାଲି ହଠାତ୍ ଅଭୟଙ୍କ ମୃତଦେହ ୧୬ ନଂ ଜାତୀୟ ରାଜପଥ ଦାଣ୍ଡକାଳୀ ନିକଟ ଏକ ଗ୍ରାମ ସଂଯୋଗ ରାସ୍ତାକଡ଼ରେ ପଡ଼ିଥିବାର ଦେଖି ତାଙ୍କ ପରିବାରକୁ ଖବର ଦିଆଯାଇଥିଲା। ଖବର ପାଇ ପରିବାର ଲୋକଙ୍କ ସହ କିଛି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଭିଯୁକ୍ତକୁ ଗିରଫ ଦାବିରେ ପରିବାର ସଦସ୍ୟମାନେ ରାଜରାସ୍ତାରେ ବସିଥିବାର ଦେଖିବାକୁ ମିଳିଥିଲା। ଖବର ପାଇ ଖନ୍ତାପଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତାରୋକ୍ ହଟିଥିଲା। ପରେ ଖନ୍ତାପଡ଼ା ପୁଲିସ ୩ ଜଣଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ମୃତକଙ୍କ ଶବକୁ ଉଦ୍ଧାର କରାଯିବା ସହ ମାମଲା ରୁଜୁ କରି ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ବ୍ୟବସାୟୀଙ୍କ ପରଲୋକ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ବଡ଼କାଏମା ପଞ୍ଚାୟତ ରାଧାନଗର ଗ୍ରାମର ବ୍ୟବସାୟୀ ପଦ୍ମନାଭ ସାହୁ (୭୩)ଙ୍କର ପରଲୋକ ହୋଇଯାଇଛି। କିଛିଦିନ ହେଲା ସେ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ନିରଂଜନ, ମନୋରଂଜନ, ଚିତରଂଜନ, ଝିଅ ରୁନୁବାଳା, ଜ୍ୱାଇଁ କୈଳାସ, ବୋହୂ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସେ ଦୀର୍ଘ ୪୫ ବର୍ଷ ହେଲା ଜାରକା ବଜାରରେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରୁଥିଲେ। ତାଙ୍କ ବିୟୋଗ ଖବର ପାଇ ବ୍ୟବସାୟୀ ଶ୍ରୀନାଥ ଜେନା, ଶୁଭେନ୍ଦୁ ସାହୁ, ବିନୋଦ ଜେନା, ଦିଲୀପ କୁମାର ଜେନା, ଜ୍ଞାନୀ ରାଉତ, ରମେଶ ସାହୁ, ଅଶୋକ ସାହୁ, ଧର୍ମଶାଳା ବିକାଶ ପରିଷଦ ସଭାପତି ଶ୍ରୀକାନ୍ତ ସାହୁ, ବିଜେପି ନେତା ସର୍ବେଶ୍ୱର ବେହୁରା, ସାମ୍ବାଦିକ ମାନସରଂଜନ ଜେନା, ଅକ୍ଷୟ କୁମାର ରାଉତ, ସୁଶାନ୍ତ କୁମାର ବେହେରା, କଂଗ୍ରେସ ନେତା ମିହିର ଖୁଣ୍ଟିଆ, ଯୁବନେତା ଉଗ୍ରସେନ ମହାନ୍ତିଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ। ପରେ ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା। ବଡ଼ ପୁଅ ନିରଂଜନ ମୁଖାଗ୍ନି ଦେଇଥିଲେ।

## ବାତୋ ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା



ଘଷିପୁରା (ପିଏନ୍):ଘଷିପୁରା ବ୍ଲକ ଅନ୍ତର୍ଗତ ବାତୋ ପଞ୍ଚାୟତରେ ସମିତିସଭ୍ୟ ତରଣୀସେନ ବରାଳଙ୍କ ନେତୃତ୍ୱରେ ବିଜେଡିର ଏକ ଜନସମ୍ପର୍କ ପଦଯାତ୍ରା ଉଲ୍ଲୋଳ ଗ୍ରାମରୁ ବାହାରି ଅତା, ମଧୁକେଶରୀ, ଲୁଣିଆପାଟଣା, ଅନ୍ତିରା, ତମ୍ପୋ, ବାତୋ, କରଡାପାଳ, ପରମାନନ୍ଦପୁର ପ୍ରଭୃତି ଗ୍ରାମ ପରିକ୍ରମା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଜେଡିର ସାଧାରଣ ସମ୍ପାଦକ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର, ବାତୋ ପଂଚାୟତର ସରପଂଚ ଝରଣା ଜେନା, ଜିଲ୍ଲାପରିଷଦ ସଭ୍ୟ ସଂଜୟ କୁମାର ମଲ୍ଲିକ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିଶ୍ୱରଂଜନ ବେହେରା ଏବଂ ବାତୋ ପଂଚାୟତର ବରିଷ୍ଠ ନେତା ସୁରେନ୍ଦ୍ର ପାଗଳ ପ୍ରମୁଖଙ୍କ ସହିତ ବହୁ ଦଳୀୟ ନେତା ପଦଯାତ୍ରାରେ ସାମିଲ ହୋଇଥିଲେ। ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମକୁ ଲୋକଙ୍କ ନିକଟରେ ପହଞ୍ଚାଇବା ସହିତ ପଂଚାୟତବାସୀ ତଥା ଗ୍ରାମର ଉନ୍ନତି ପାଇଁ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବାକୁ ସମୂହ ଶପଥ ପାଠ କରାଯାଇଥିଲା।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ତୃତୀୟ ଦିନରେ ଭାରତ ଯୋଡ଼ ଯାତ୍ରା-କଂଗ୍ରେସକୁ ମିଳୁଛି ପ୍ରବଳ ଜନସମର୍ଥନ

ଭୁବନେଶ୍ୱର,(ପି.ଏନ): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଆୟୋଜିତ ଭାରତ ଯୋଡ଼ ଯାତ୍ରା ଜଗତପୁର ଠାରୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଆରମ୍ଭ ହୋଇ ଦିବା ୧ ଘଟିକା ସମୟରେ ଟାଙ୍ଗି ଠାରେ ପଂହଚିଥିଲା। ଟାଙ୍ଗି ଠାରେ ଉପସ୍ଥିତ ସାଧାରଣ ଜନତା, ପଦଯାତ୍ରୀ ପ୍ରମୁଖଙ୍କୁ ସମ୍ବୋଦ୍ଧିତ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସାଧାରଣ ଜନତାଙ୍କର ରକ୍ତ ଶୋଷଣ କରୁଛନ୍ତି। ନବୀନ ସରକାର ଯେଉଁ ନିର୍ବାଚନୀ ପ୍ରତିଶ୍ରୁତି ଦେଉଛନ୍ତି କ୍ଷମତାକୁ ଆସିଲେ ତାହା ପୂରଣ କରୁ ନାହାନ୍ତି। ବିଭିନ୍ନ ଯୋଜନାର ଅର୍ଥ ବ୍ୟାପକ ହରିଲୁଟ ହେଉଛି। ଥାନା, ବ୍ଲକ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସବୁ ବିଜୁ ଜନତା ଦଳର ଦଳୀୟ କାର୍ଯ୍ୟାଳୟରେ ପରିଣତ ହୋଇଯାଇଛି। ଯେଉଁ ସରକାରୀ ଅଫିସର ବିଜେଡ଼ି ଓ ବିଜେପିର ଚାଟୁକାର ସାଜି କଂଗ୍ରେସ ଲୋକ ଏବଂ ସାଧାରଣ ଜନତାଙ୍କୁ ହଇରାଣ କରୁଛନ୍ତି କଂଗ୍ରେସ କ୍ଷମତାକୁ ଆସିଲେ ତାହାର ଦୃଢ଼ ଯବାବ ଦିଆଯିବ ବୋଲି ସର୍ତକ କରିଦେଇଛନ୍ତି। ଏଠି ମହିଳାମାନେ ଅତ୍ୟାଚାରିତ, ଚାଷୀ ଭୁଲୁଣ୍ଠିତ, ଯୁବକମାନେ ନିଯୁକ୍ତି ପାଇଁ ରାସ୍ତାରେ ଚିତ୍କାର କରୁଛନ୍ତି। ଓଡ଼ିଶା ରସାତଳଗାମୀ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କାର ଯୋଗାଡ଼ କରିବାରେ ବ୍ୟସ୍ତ। ଓଡ଼ିଶାର ଜନସାଧାରଣ ୨୨ ବର୍ଷ ଭୁଆଁ ବୁଲିଲେ। ଏବେ ପରିବର୍ତନର ସମୟ ଆସିଛି। ରାଜ୍ୟରେ ଓ ଦେଶରେ ମୁକ ବାଚାଳଙ୍କ ସରକାର ଚାଲିଛି। ଓଡ଼ିଶାରେ ୨୨ ବର୍ଷ ଭିତରେ ରାଜ୍ୟର ଅବସ୍ଥା ଦୁର୍ବଳରୁ ଦୁର୍ବଳ ହେଉଥିବା ବେଳେ ବିଜୁ ଜନତା ଦଳ ସବଳ ହେଉଛି। ଜନତାଙ୍କ ଅର୍ଥକୁ ଲୁଣ୍ଠନ କରି ବିଜୁ ଜନତା ଦଳ ନେତାମାନେ ଅୟେଶ କରୁଛନ୍ତି। ଏଠି ଚାଷୀର ଲୁହ, ଯୁବକ ଛାତିର କୋହ, ମହିଳାର ଯନ୍ତ୍ରଣା, ଛାତ୍ରର ପ୍ରତିବନ୍ଧକ ସଂପର୍କରେ ୨୨ ବର୍ଷ ଧରି ନବୀନବାବୁ ଜାଣିବାକୁ ଚେଷ୍ଟା କରିନାହାନ୍ତି। କେନ୍ଦ୍ରରେ ମୋଦି କେବଳ ଭାରତୀୟ ମାନଙ୍କୁ ବିଭାଜିତ କରି ଭୋଟ ହାତେଇବା କାର୍ଯ୍ୟକ୍ରମରେ ବ୍ୟସ୍ତ, ମହଙ୍ଗା ମାଡ଼ରେ ଆମେ ଅଣନିଶ୍ୱାସୀ ହେଉଥିବା ବେଳେ ଏହାର ପ୍ରତିକାର ପାଇଁ ମୋଦି ସରକାରଙ୍କ କୌଣସି ଯୋଜନା ନାହିଁ। ମୋଦି ତାଙ୍କ ପ୍ରତିଶୃତି ଅନୁଯାୟୀ ପ୍ରତି ଆକାଉଂଟଙ୍କୁ ୧୫ଲକ୍ଷ ଟଙ୍କା ଦେଲେ ନାହିଁ। ଦରଦାମ ନିୟନ୍ତ୍ରଣ କଲେ ନାହିଁ ବେକାର ଯୁବକଙ୍କୁ ନିଯୁକ୍ତି ଦେଲେ ନାହିଁ ବରଂ ରାଷ୍ଟ୍ରର ସଂପତିକୁ କିଛି ଅନ୍ତରଙ୍ଗ ଶିଳ୍ପପତି ମାନଙ୍କ ହାତରେ ଟେକି ଦେଉଛନ୍ତି। ଦେଶର ଅର୍ଥନୈତିକ, ସାମାଜିକ ଓ ଗଣତାନ୍ତ୍ରିକ ବ୍ୟବସ୍ଥା ଅତି ଦୟନିୟ ସ୍ଥିତି ଦେଇ ଗତି କରୁଛି। ଲୋକେ ବିଜୁବାବୁଙ୍କ ସ୍ୱପ୍ନ ଓ ମୋଦିଙ୍କର ଆଚ୍ଛେଦିନର ବାସ୍ତବତା କଣ ତାହା ବୁଝିସାରିଲେଣି। କଂଗ୍ରେସ ଏକ ପ୍ରବାହମାନ ସ୍ରୋତ କୌଣସି ବନ୍ଧବାଡ଼ ଏହାକୁ ଅଟକାଇ ପାରିବ ନାହିଁ। ୧୯୯୦ ମସିହାରେ କଂଗ୍ରେସ ଓଡ଼ିଶାରେ ୧୦ଟି ବିଧାୟକ ପାଇଥିବା ବେଳେ ଠିକ୍ ୫ ବର୍ଷପରେ ୧୯୯୫ ରେ ବିଜୁବାବୁଙ୍କ ପରାସ୍ତ କରି ଏଠାରେ କଂଗ୍ରେସ ସରକାର ହୋଇଥିଲା। ଓଡ଼ିଶାର ପୁର ପଲ୍ଲୀରେ କଂଗ୍ରେସ ଲୋକ ମୋଦି ଓ ନବୀନ ସରକାରର ଭ୍ରଷ୍ଟାଚାର ବିରୋଧରେ ଲଢ଼େଇ କରୁଛନ୍ତି ଓ ଅତ୍ୟାଚାରରେ ଶୀକାର ହେଉଛନ୍ତି। କଂଗ୍ରେସର ଆନ୍ଦୋଳନ ହିଁ ସାଧାରଣ ଲୋକଙ୍କର ସ୍ୱରର ପରିପ୍ରକାଶ। ଶ୍ରୀ ପଟ୍ଟନାୟକ ତାଙ୍କର ୯ରୁ ୯୦ ସଂଖ୍ୟାଙ୍କ ବିଧାୟକ କଂଗ୍ରେସ ଆଗାମୀ ଦିନରେ ଓଡ଼ିଶାରେ ହାସଲ କରିବ ବୋଲି ଦୃଢ଼ତାର ସହ କହିଥିଲେ। ଆଗାମୀ ନିର୍ବାଚନରେ କଂଗ୍ରେସର ପଥରୋଧ କରିପାରିବ ନାହିଁ। କଂଗ୍ରେସ କର୍ମୀହିଁ କଂଗ୍ରେସ ଦଳର ବଳ। ମଧ୍ୟାହ୍ନ ଭୋଜନ ବିରତି ସରିବା ପରେ ଅପରାହ୍ନ ୩



ଘଟିକା ସମୟରେ ଟାଙ୍ଗି ଠାରୁ ବାହାରି ଯାଜପୁର ଅଭିମୁଖେ ଯାତ୍ରା ଆରମ୍ଭ ହୋଇଥିଲା। ଯାଜପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଛତିଆ ଠାରେ ଭାରତ ଯୋଡ଼ ଯାତ୍ରାକୁ ଜିଲ୍ଲା କଂଗ୍ରେସ ପକ୍ଷରୁ ସ୍ୱାଗତ କରାଯାଇଥିଲା ଏବଂ ଜିଲ୍ଲାର କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଏଥିରେ ଯୋଗଦେଇଥିଲେ। ଏହାପରେ ପଥଯାତ୍ରୀମାନେ ବଡଚଣା ପେଟ୍ରୋଲ ପମ୍ପଠାରେ ପଂହଚିଥିଲେ। ଆଜି ଦିନ ତମାମ ଦୁଇଟି ପର୍ଯ୍ୟାୟ ଯାତ୍ରା ମହାପଟୁଆରରେ ହଜାର ହଜାର କଂଗ୍ରେସ କର୍ମୀ ଓ ଶୁଭେଚ୍ଛୁଙ୍କ ଗ୍ରହଣରେ ଯିବା ବାଟରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ପଟ୍ଟନାୟକଙ୍କୁ ବିଭିନ୍ନ ଯାଗାରେ ସ୍ୱାଗତ କରାଯାଇଥିଲା ଏବଂ ଦେଖିବାକୁ ମିଳିଥିଲା ସାଧାରଣ ଜନତା ବିପୁଳ ଉତ୍ସାହ ଉଦ୍ଦିପନା ସହିତ ସ୍ୱତଃପ୍ରବୃତ ଭାବରେ ଏହି ଭାରତ ଯୋଡ଼ ପଦଯାତ୍ରାରେ କିଏ ସାମିଲ ହେଉଥିଲେ ତ ଆଉ କିଏ ନିଜ ଘର ଆଗରେ ଠିଆ ହୋଇ ହାତ ହଲାଇ ସମର୍ଥନ ଜଣାଉଥିଲେ। ଆଜି ଯାଜପୁର ଜିଲ୍ଲାର ବଡ଼ଚଣାଠାରେ ପଥଯାତ୍ରୀ ମାନଙ୍କ ପାଇଁ ପ୍ରସ୍ତୁତି କରାଯାଇଥିବା ରହଣୀ ଶିବିରରେ ପ୍ରଦେଶ କଂଗ୍ରେସ ସଭାପତି ରାତ୍ରୀଯାପନ କରିବାର କାର୍ଯ୍ୟକ୍ରମ ରହିଛି। ଆଜିର ଏହି କାର୍ଯ୍ୟକ୍ରମକୁ କଟକ ନଗର କଂଗ୍ରେସ ସଭାପତି ଶ୍ରୀ ସୁରେଶ ମହାପାତ୍ର, କଟକ ଜିଲ୍ଲା କଂଗ୍ରେସ ସଭାପତି ମାନସ ଚୌଧୁରୀ, ଯାଜପୁର ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତ ପରିଚାଳନା କରିଥିଲେ ଏବଂ ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ରାମଚନ୍ଦ୍ର ଖୁଂଟିଆ, ଭୁଜବଳ ମାଝୀ, ରବି ମଲ୍ଲିକ, ବିଭୁତି ମିଶ୍ର, ବିଶ୍ୱରନ ମହାନ୍ତି, କିଶୋର ଜେନା, ବିଶ୍ୱଜିତ ଦାଶ, ସନତ ଦାସ, ବନ୍ଦିତା ପରିଡ଼ା, ଦେବେନ୍ଦ୍ର ସାହୁ, ଅଭିଷେକ ମହାନନ୍ଦ, ସରୋଜ ପଟ୍ଟନାୟକ, ପ୍ରଣତୀ ମିଶ୍ର, ଶୋଭା ସିଂ, ଜୟଶ୍ରୀ ପାତ୍ର, ପଦ୍ମାକର ଗୁରୁ, ପ୍ରକାଶ ମିଶ୍ର, ଅମୀୟ ପଟ୍ଟନାୟକ, ଗିତାଳି ମହାନ୍ତି, ସୁବ୍ରତ ମହାପାତ୍ର, ସତ୍ୟବ୍ରତ ନାୟକ, ମନୋଜ ବିଶ୍ୱାଳ, ଡ. ବିପ୍ଳବ ଶିଳାଦିତ୍ୟ, ଦେବେନ୍ଦ୍ର ସାହୁ, କ୍ୟାପଟେନ ରାଜନାରାୟଣ ମହାପାତ୍ର, ବାଙ୍କନିଧି ବେହେରା, ସଂଜୟ ତ୍ରିପାଠୀ, ଲଲାଟେନ୍ଦୁ ଦାଶ, ପ୍ରଦୀପ ମହାପାତ୍ର, ଆଶିଷ ମଲ୍ଲିକ, ଜ୍ଞାନରନ ପଟ୍ଟନାୟକ, ଦୁର୍ଯ୍ୟୋଧନ ବେହେରା, ବିଷ୍ଣୁ ରାଉତ, ସନ୍ତୋଷ ବେହେରା, ଅନନ୍ତ ଦାସ, ବଟକୃଷ୍ଣ ମହାପାତ୍ର, ଅଜୟ ସାମଲ, ଦୀପକ ମହାପାତ୍ର, ଦୁର୍ଗା ପାଢ଼ୀ, ଆଶୁତୋଷ ବରାଳ, ରାଜକିଶୋର ବାରିକ, ବେଣୁଧର ପ୍ରଧାନ, ନଳିନୀ କାନ୍ତ ନାୟକ, କାର୍ତିକ କାଣ୍ଡି, ମୁଣ୍ଡୀ କଳ୍ପନା ରାଉତରାୟ, ଶିଶିର ରଥ,ପ୍ରଭାତ ପ୍ରତାପ ସିଂ, ସାଗର ପରିଡ଼ା ଅଂଶଗ୍ରହଣ କରିଥିଲେ। ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ସଭାପତି ମନୋଜ ରାଉତ ଏବଂ ଆସନ୍ତା କାଲି ଚତୁର୍ଥ ଦିନରେ ଭାରତ ଯୋଡ଼ ଯାତ୍ରା ବଡ଼ଚଣା ପେଟ୍ରୋଲ ପମ୍ପଠାରୁ ବାହାରି ଚଣ୍ଡିଖୋଲ ଠାରେ ମଧ୍ୟାହ୍ନ ଭୋଜନ ଏବଂ ବିଶ୍ରାମ ପରେ ଜାରକା ପ୍ରେସକ୍ଲବ ପର୍ଯ୍ୟନ୍ତ ଯାତ୍ରା ପଂହଚିବ ବୋଲି ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ଶ୍ରୀ ନିଶିକାନ୍ତ ମିଶ୍ର ଏକ ପ୍ରେସବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

# ପୂର୍ବତନ ମନ୍ତ୍ରୀ କେନ୍ଦ୍ରାପଡାର ବରପୁତ୍ର ସ୍ୱର୍ଗତ ଦୀନବନ୍ଧୁ ସାହୁଙ୍କ ୪୨ତମ ଶ୍ରାଦ୍ଧ ଦିବସ ପାଳିତ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡାର ବରପୁତ୍ର, ଓଡିଶାର ପୂର୍ବତନ ଶିକ୍ଷ,କୃଷି ଓ ଆଇନ ମନ୍ତ୍ରୀ, ବିଶିଷ୍ଟ ଆଇନଜୀବି ତଥା ପୂର୍ବତନ ଆଡଭୋକେଟ ଜେନେରାଲ ସ୍ୱର୍ଗତ ଦୀନବନ୍ଧୁ ସାହୁ କେନ୍ଦ୍ରାପଡା ଜିଲ୍ଲାର ସାମୁହିକ ବିକାଶ କରିଥିଲେ । ସେ କେନ୍ଦ୍ରାପଡା ମହାବିଦ୍ୟାଳୟର ପ୍ରତିଷ୍ଠାତା ଥିଲେ । ତାଙ୍କ ରାଜନୈତିକ ଜୀବନରେ କେନ୍ଦ୍ରାପଡା ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଜଳସେଚନର ସୁବିଧା କରିବା ସହ କେନ୍ଦ୍ରାପଡାରେ ଶିଳ୍ପାଂଚଳ, ବଳଦେବଜୀଉ ପାୱାରଲୁମ, ବିଚାର ବିଭାଗରେ ନୂତନ କୋର୍ଟ ପ୍ରତିଷ୍ଠା ଓ ଅଗ୍ନିଶମ କେନ୍ଦ୍ର ପ୍ରତିଷ୍ଠା କରିବା ସହ ବହୁ ଉନ୍ନୟନ ମୂଳକ କାର୍ଯ୍ୟ ସେ କରିଥିଲେ । ସେ ସମୟରେ କୃଷିର ଉନ୍ନତି ପାଇଁ ଜଜାଙ୍ଗ ଠାରେ ଝୋଟ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ସହ କେନ୍ଦ୍ରାପଡାରେ ଇଞ୍ଜିନିଅରିଂ ସ୍କୁଲ ପ୍ରତିଷ୍ଠା କରିଥିଲେ । ପରବର୍ତି ସମୟରେ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ସେହି ଇଞ୍ଜିନିଅରିଂ ସ୍କୁଲଟି କେନ୍ଦ୍ରାପଡାରୁ ଅନ୍ୟତ୍ର ଉଠିଯାଇଥିଲା । ପରେ ତାଙ୍କରି ଉଦ୍ୟମରେ ଇଞ୍ଜିନିଅରିଂ ସ୍କୁଲର ସମସ୍ତ କୋଠାବାଡି ଓ ଭୂସମ୍ପତିକୁ କେନ୍ଦ୍ରାପଡା ମହାବିଦ୍ୟାଳୟକୁ ରାଜ୍ୟ ସରକାର ହସ୍ତାନ୍ତର କରିଥିଲେ । ସେ ଓକିଲାତି ଜୀବନରେ ସ୍ୱାଧୀନତା ସଂଗ୍ରାମ ସମୟରେ ବିଭିନ୍ନ ସ୍ୱାଧୀନତା ସଂଗ୍ରାମୀ ଓ ପ୍ରଜା ଆନ୍ଦୋଳନ ନେତାଙ୍କ ବିରୋଧରେ ହୋଇଥିବା ମିଥ୍ୟା ମୋକଦ୍ଦମାରେ ସେମାନଙ୍କ ପାଇଁ ଅଦାଲତରେ ବିନା ପାରିଶ୍ରମିକରେ ଲଢି ନ୍ୟାୟଦେବାରେ ସହାୟକ ହୋଇଥିଲେ । ଏଥିସହିତ ସେ ଜଣେ ଦରଦୀ ଓ ଭଗବତପ୍ରେମୀ ଭାବରେ ବେଶ ଲୋକପ୍ରିୟ ଥିବାର ସ୍ୱର୍ଗତ ସାହୁଙ୍କ ୪୨ତମ ଶ୍ରାଦ୍ଧୋତ୍ସବ ଅବସରରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ । କେନ୍ଦ୍ରାପଡା ସହରର ମୀରପାଟଣା ଗ୍ରାମରେ ଗତ ୧୯୧୦ମସିହା ଅକ୍ଟୋବରମାସ ୧୦ତାରିଖରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତ ସାହୁଙ୍କର ଗତ ୧୯୮୦ମସିହା ଅକ୍ଟୋବରମାସ ୭ତାରିଖରେ ତିରୋଧନ ହୋଇଥିଲା । ଆଜି ତାଙ୍କ ଶ୍ରାଦ୍ଧଦିବସ ଅବସରରେ କେନ୍ଦ୍ରାପଡା ତହସିଲ କାର୍ଯ୍ୟାଳୟ ନିକଟରେ ସ୍ଥାପିତ ସ୍ୱର୍ଗତ ସାହୁଙ୍କ ଆବକ୍ଷ ପ୍ରତିମୂର୍ତିରେ ସାମୁହିକ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଏହି ଉପଲକ୍ଷେ ପୂର୍ବତନ ପୌରାଧ୍ୟକ୍ଷ ଧିରେନ କୁମାର ସାହୁଙ୍କ ଆବାହକତ୍ୱରେ ଏବଂ ପ୍ରାଧାପକ ନନ୍ଦ କିଶୋର ପରିଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଅଧାପକ ଅଜୟ କୁମାର ସାମଲ, ସାହିତ୍ୟିକ ଡଃ. ବାସୁଦେବ ଦାସ, ଜିଲ୍ଲା ଓକିଲ ସଙ୍ଘର ପ୍ରାକ୍ତନ ସଭାପତି ସରୋଜରାଜ ସଂ, ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳୀ ସେଠୀ, ନଗରପାଳ ସରିତା ସାହୁ, ଜିଲ୍ଲା ବିଜେଡି ସଭାପତି ଉତ୍କଳକେଶରୀ ପରିଡା, ଡଃ. ଗଦାଧର ମଲ୍ଲିକ, ଇଂ ମୂରଲୀଧର ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରି ବକ୍ତବ୍ୟ ରଖିଥିଲେ। କେନ୍ଦ୍ରାପଡା ମହାବିଦ୍ୟାଳୟକୁ ଏକ ଗ୍ରାମ୍ୟ ବିଶ୍ୱବିଦ୍ୟାଳୟରେ ପରଣତ କରିବାକୁ ସ୍ୱର୍ଗତ ସାହୁଙ୍କର ଥିବା ସ୍ୱପ୍ନକୁ ସାକାର କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିମନ୍ତେ ଅତିଥିମାନେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ କେନ୍ଦ୍ରାପଡା କଲେଜ ଅଧ୍ୟକ୍ଷ ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ପ୍ରାକ୍ତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ପୂର୍ବତନ ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ନଗର ବିଜେଡି ସଭାପତି ଯଯାତିକେଶରୀ ମହାନ୍ତି, ବିଜୟ ପତି, ଆଇନଜୀର୍ବି ଅଧିକାରୀ ପ୍ରଭାତ ଦାସ, ଦେବଦାସ ମହାନ୍ତି, ରମଣୀରଞ୍ଜନ ରାଉତରାୟ, ବିଜୟ ପରିଡା, ପ୍ରମୋଦ ସାହୁ, ପ୍ରଦୀପ୍ତ ମହାନ୍ତି, ରେବତୀରମଣ ଦାସ, କାଉନସିଲର ପ୍ରଦୀପ କୁମାର ଜେନା, ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା, ସାମ୍ବାଦିକ ଚିତରଞ୍ଜନ ଦାସ, ମୁକ୍ତାର ଖାଁ, ରଞ୍ଜିତ ସାହୁ, ବିପଦଭଞ୍ଜନ ଦାସ, ଶ୍ରୀକାନ୍ତ ପଣ୍ଡା, ଗୟାଧର ଧଳ, ଶୁକଦେବ ସାହୁ, ଶୁକଦେବ ଦାସ, ଦେବେନ୍ଦ୍ର ରାଉତ, ପ୍ରଦିପ ନାୟକ, ଶକ୍ତିକାନ୍ତ ପାତ୍ର, ଦୀପକ ପୃଷ୍ଟି, ଜୟନ୍ତ ଦାସ, ରଘୁନାଥ ପରିଡା, ଶୁଭାଂଶୁ ଦାସ, ରଞ୍ଜନ ଦାସ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ଉତ୍ସବ -୨୨ ଅନୁଷ୍ଠିତ

ଫୁଲବାଣୀ, (ପି.ଏନ): କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀ ସ୍ଥିତ ବିଇଡି କଲେଜ ପରିସରରେ ଗୁରୁବାର ସନ୍ଧ୍ୟାରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଶିଶୁମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ଲୋକ ଲୋଚନକୁ ଆଣିବା ପାଇଁ ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରରେ ଏଭଳି କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେଉଥିବା କହିଥିଲେ। ଏଣୁ ବ୍ଲକସ୍ତରରେ ଅଧିକରୁ ଅଧିକ ଛାତ୍ର ଛାତ୍ରୀ ଯେପରି ଭାଗ ନେଇପାରିବେ ସେଥିପ୍ରତି ଶିକ୍ଷକ ଶିକ୍ଷୟତ୍ରୀ ମାନେ ଦୃଷ୍ଟି ଦେବା ଲାଗି ପରାମର୍ଶ ଦେଇଥିଲେ ମୁଖ୍ୟ ଅତିଥି ଜିଲ୍ଲାପାଳ ପାଟିଲ କ୍ଷ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଫୁଲବାଣୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଉଚ୍ଚକୋଟିର କଳା ପ୍ରଦର୍ଶନ କରି ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ପ୍ରଦର୍ଶନ କରିଥିବାରୁ ଏହି ଅବସରରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ପୁରସ୍କାର ପ୍ରଦାନ କରିଥିଲେ କ୍ଷ ସୁରଭିରେ କ୍ରିଏଟିଭ ରାଇଟିଙ୍ଗରେ ସୁଶ୍ରୀ ତ୍ରିଶା ପ୍ରଧାନ ପ୍ରଥମ, କଳା ଉତ୍ସବରେ ଟୁ ଡି ପେଇଁଟିଙ୍ଗରେ ସୁଶ୍ରୀ ଫଲଗୁନି କହଁର ପ୍ରଥମ, ଥ୍ରୀ ଡି ପେଣ୍ଟିଙ୍ଗରେ ସୁଶ୍ରୀ ତନୁଶ୍ରୀ ବାଘ ପ୍ରଥମ, ଇଣ୍ଡିଜିନିୟସ ଟଏରେ ସୁଶ୍ରୀ ଅମ୍ବିକା ସାହୁ, ପ୍ରଥମ, ସୋଲ ନୃତ୍ୟରେ ସୁଶ୍ରୀ ଶ୍ରୀଦେବୀ ନାୟକ ପ୍ରଥମ ଓ ସୋଲ ନୃତ୍ୟରେ ସୁଶ୍ରୀ ଲକ୍ଷ୍ମୀପ୍ରିୟା ସାହୁ ଦ୍ୱିତୀୟ ସ୍ଥାନ ଅର୍ଜନ କରି ମୁଖ୍ୟ ଅତିଥି ଜିଲ୍ଲାପାଳ ପାଟିଲଙ୍କ ଠାରୁ ପୁରସ୍କୃତ ହୋଇ ବାଳିକା ଉଚ୍ଚ ବିଦ୍ୟାଳୟ ପାଇଁ ଗୌରବ ଆଣି ଦେଇଛନ୍ତି। ଫଳରେ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ମିନା ଡିଗାଲ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ଖୁସିବ୍ୟକ୍ତ କରିଛନ୍ତି । ଜିଲ୍ଲାସ୍ତରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନେ ଆସନ୍ତା ନଭେମ୍ବର ଚଉଦ ଶିଶୁ ଦିବସରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ଓ ଶିକ୍ଷକ, ଶିକ୍ଷୟତ୍ରୀ ଅବିଭାବକ ଉପସ୍ଥିତ ଥିଲେ ।

# ୫ଟି ସଚିବ ପାଣ୍ଡିଆନଙ୍କ ବାସଭବନ ଆଗରେ ପ୍ରଦେଶ ଛାତ୍ର କଂଗ୍ରେସ ଆମରଣ ଅନସନ : ୟାସିର ନୱାଜ, ସଭାପତି ପ୍ରଦେଶ ଛାତ୍ର କଂଗ୍ରେସ

ଭୁବନେଶ୍ୱର,(ପି.ଏନ): ଆଜି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଯେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ପ୍ରଦେଶ ଛାତ୍ର କଂଗ୍ରେସର କର୍ମକର୍ତାମାନେ ୫ଟି ସଚିବ ଶ୍ରୀ ଭି. କାର୍ତିକେୟନ ପାଣ୍ଡିଆନଙ୍କ ବାସଭବନ ସମ୍ମୁଖରେ ଆମରଣ ଅନଶନ କରିବ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଲେ ଯେ ଜିଲ୍ଲା ପରିଷଦ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ଘଟଣାରେ ସଂପୃକ୍ତ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସଙ୍କ ଉପରେ ପୋଲିସ ପ୍ରଶାସନ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନେଇପାରି ନାହିଁ। ମାତ୍ର ଗଣଶିକ୍ଷାମନ୍ତ୍ରୀ ସମୀର ଦାସଙ୍କ ବହିଷ୍କାର ଏବଂ ଗିରଫ ଦାବୀରେ ନବୀନ ନିବାସ ଏବଂ ଗୃହରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତୀ ବେହେରାଙ୍କ ବାସଭବନ ଘେରାଉ କରିଥିବା ଛାତ୍ରକଂଗ୍ରେସ ନେତୃମଣ୍ଡଳୀଙ୍କ ଉପରେ ୩୦୭ ଭଳି ସଂଗୀନ ଦଫା ଲଗାଯାଇଛି। ଛାତ୍ର କଂଗ୍ରେସ ଗଣତାନ୍ତ୍ରିକ ପ୍ରକିୟାରେ ଏହି ଆନ୍ଦୋଳନ କରିଥିଲା। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସରକାରଙ୍କର ଦୋଷ, ତ୍ରୁଟି, ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ସ୍ୱରଉତୋଳନ କରିବାର ଅଧିକାର ବିରୋଧି ଦଳର ରହିଛି। ଏହି ଅଧିକାରକୁ ନବୀନ ସରକାର ବା ପୋଲିସ ଛଡ଼େଇ ନେବାପାଇଁ ଉଦ୍ୟମ ଜାରି ରଖିଛନ୍ତି।



ଧର୍ମେନ୍ଦ୍ର ସାହୁ ମୃତ୍ୟୁ ପୂର୍ବରୁ ତାଙ୍କର ବନ୍ଧୁଙ୍କୁ ମନ୍ତ୍ରୀ ସମୀର ଦାସଙ୍କୁ ଦୋଷାରୋପ କରି ବକ୍ତବ୍ୟ ଦେଇଥିଲେ। ଏପରିକି ମନ୍ତ୍ରୀ ସମୀର ଦାସଙ୍କ ଚାପରେ ସେ ଆତ୍ମହତ୍ୟା କରିଛନ୍ତି ବୋଲି ଏହି ବକ୍ତବ୍ୟରେ ସ୍ପଷ୍ଟ ହୋଇପଡ଼ିଛି। ମୃତ୍ୟୁ ପୂର୍ବରୁ ସାମାଜିକ ଗଣମାଧ୍ୟମରେ ଧର୍ମେନ୍ଦ୍ର ସାହୁ ପ୍ରକାଶ କରିଥିଲେ ଯେ ତାଙ୍କର ଦୁଇଟି ମୋବାଇଲରେ ଚାଂଚଲ୍ୟକର ତଥ୍ୟ ରହିଛି। ପୋଲିସ ଏହି ମୋବାଇଲ ଦୁଇଟିକୁ ପେଡ଼ିରେ ରଖି ସମୀର ଦାସଙ୍କୁ ସୁରକ୍ଷା ଦେଉଛନ୍ତି। ଏ ରାଜ୍ୟରେ ଗଣତନ୍ତ୍ର ନାହିଁ। ପୋଲିସ ବିରୋଧି ଦଳଙ୍କୁ ଦ୍ୱିତୀୟ ଶ୍ରେଣୀର ନାଗରିକ ଭାବରେ ବ୍ୟବହାର କରୁଛନ୍ତି। ପୋଲିସ ମନ୍ତ୍ରୀ ସମୀର ଦାସଙ୍କୁ ଗିରଫ କରିବା ପରିବର୍ତେ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟାରେ ସମୀର ଦାସଙ୍କ ସଂପୃକ୍ତି ପ୍ରସଙ୍ଗରେ ଆନ୍ଦୋଳନ କରୁଥିବା ଛାତ୍ର କଂଗ୍ରେସର ନେତୃବୃନ୍ଦଙ୍କ କଣ୍ଠରୋଧ କରିବାପାଇଁ ଚକ୍ରାନ୍ତ କରୁଛନ୍ତି। ଛାତ୍ର କଂଗ୍ରେସ ଦୀର୍ଘଦିନ ଧରି ଏରାଜ୍ୟର ଛାତ୍ର ସମାଜ, ଉପେକ୍ଷିତ ଜନତା, ବେକାର ଯୁବକଯୁବତୀଙ୍କ ମାନଙ୍କର ନ୍ୟାୟ ପାଇଁ ଲଢ଼େଇ କରିଆସୁଛି। ହିଂସାତ୍ମକ ପନ୍ଥା ଛାତ୍ର କଂଗ୍ରେସ ଗ୍ରହଣ କରେ ନାହିଁ। ମାତ୍ର ପୋଲିସ ଛାତ୍ର କଂଗ୍ରେସ କର୍ମକର୍ତାଙ୍କ ନାମରେ ଯେଉଁ ମିଥ୍ୟା ମାମଲା ରୁଜୁ କରିଛି ଏହା ଅଗଣତାନ୍ତ୍ରିକ ଏବଂ ସମୀର ଦାସଙ୍କୁ ସୁରକ୍ଷା ଦେବାପାଇଁ ଅଭିପ୍ରେତ। ୫ଟି ସଚିବ ଶ୍ରୀ ଭିକେ ପାଣ୍ଡିଆନ ପ୍ରଶାସନର ସ୍ୱଚ୍ଛତା ଓ ନିରପେକ୍ଷତା ଦାୟୀତ୍ୱ ନେଇଛନ୍ତି। ପ୍ରଦେଶ ଛାତ୍ର କଂଗ୍ରେସ ସମସ୍ତ ନେତାଙ୍କ ନାମରେ ରୁଜୁ ହୋଇଥିବା ୩୦୭ ଦଫା (ହତ୍ୟା ଉଦ୍ୟମ) ପ୍ରତ୍ୟାହାର, ମନ୍ତ୍ରୀ ଶ୍ରୀ ସମୀର ଦାସଙ୍କୁ ମନ୍ତ୍ରୀ ପଦରୁ ବହିଷ୍କାର ଏବଂ ଏହି ମାମଲାରେ ତଦନ୍ତ ପରିଷର ଭୁକ୍ତ କରାନଗଲେ ୫ଟି ସଚିବଙ୍କ ବାସଭବନ ଆଗରେ ଛାତ୍ର କଂଗ୍ରେସ ଆମରଣ ଅନଶନ ଜାରି ରଖିବ। ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖ୍ୟ ମୁଖପାତ ବିଶ୍ୱଭୂଷଣ ମହାପାତ୍ର, ବିଭୁତି ଭୂଷଣ ମହାପାତ୍ର, ଭାଗ୍ୟଶ୍ରୀ ମହାନ୍ତି ଓ ସ୍ନେହା ଜେନା ପ୍ରମୁଖ ଉପସ୍ଥିତ ଥିଲେ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# ରାଜଧାନୀରେ ପ୍ରଥମ ଅନ୍ତର୍ଜାତୀୟ ମେରୁଦଣ୍ଡ କର୍ମଶାଳା : ଓଡ଼ିଶାର ବହୁ ଡାକ୍ତର ଉପକୃତ ହେବେ: ଅଚ୍ୟୁତ ସାମନ୍ତ

ଭୁବନେଶ୍ବର,(ପି.ଏନ): ସର୍ବଭାରତୀୟ ସ୍ପାଇନ୍ ଆସୋସିଏନ୍ ପକ୍ଷରୁ ଗୁରୁବାର ଭୁବନେଶ୍ବରରେ ପ୍ରଥମ ଅନ୍ତର୍ଜାତୀୟ ମେରୁଦଣ୍ଡ କର୍ମଶାଳା 'ଆଇସିଏସ୍-୨୦୨୨' ଉଦ୍‌ଘାଟିତ ହୋଇଯାଇଛି। ଏହି କର୍ମଶାଳା ତିନି ଦିନ ଧରି ଚାଲିବାକୁ ଥିବା ବେଳେ ଏଥିରେ ମେରୁଦଣ୍ଡ ଜନିତ ବିଭିନ୍ନ ରୋଗର କାରଣ, ଡାକ୍ତରୀ ପରୀକ୍ଷା ଏବଂ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ଉପରେ ଆଲୋଚନା ହେବ। ଏଥିରେ ଦେଶ ବିଦେଶରୁ ୫୦୦ରୁ ଊର୍ଦ୍ଧ୍ବ ଲବ୍ଧ ପ୍ରତିଷ୍ଠିତ ଓ ଅଭିଜ୍ଞ ସ୍ପାଇନ୍ ସର୍ଜନ, ଅସ୍ଥିଶଲ୍ୟ ବିଶେଷଜ୍ଞ, ସ୍ନାୟୁଶଲ୍ୟ ବିଶେଷଜ୍ଞ ଯୋଗ ଦେଇଛନ୍ତି। କର୍ମଶାଳାର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କନ୍ଧମାଳ ସାଂସଦ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମେରୁଦଣ୍ଡ ଜନିତ ରୋଗର ଚିକିତ୍ସା ଉପରେ ଆଲୋକପାତ କରିଥିଲେ। ଏପରି କର୍ମଶାଳା ଓଡ଼ିଶାରେ ବିଭିନ୍ନ ପ୍ରକାର ମେରୁଦଣ୍ଡ ରୋଗ ଓ ମେରୁଦଣ୍ଡ ଜନିତ ଆଘାତର ଚିକିତ୍ସା କରୁଥିବା ଡାକ୍ତରଙ୍କୁ ସହାୟକ ହେବ ବୋଲି ଶ୍ରୀ ସାମନ୍ତ ପ୍ରକାଶ କରିଥିଲେ। ସମ୍ମାନୀୟ ଅତିଥି ଭାବେ ଆରଏମ୍‌ଆରସି ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି ଯୋଗଦେଇ କହିଲେ, ପୂର୍ବରୁ ଓଡ଼ିଶାରେ ଉନ୍ନତ ଧରଣର ମେରୁଦଣ୍ଡ ଅସ୍ତ୍ରୋପଚାର ଓ ଚିକିତ୍ସା ସୁବିଧା ନ ଥିଲା। କିନ୍ତୁ ବର୍ତ୍ତମାନ ଏହି ରୋଗର ଚିକିତ୍ସାରେ ବହୁ ଉନ୍ନତି ପରିଲକ୍ଷିତ ହେବା ସହ ଅତ୍ୟାଧୁନିକ ଯନ୍ତ୍ରପାତିର ସୁବିଧା ରହିଛି ବୋଲି ସେ ମତ ଦେଇଥିଲେ। ଏଥିରେ ସର୍ବଭାରତୀୟ ସ୍ପାଇନ୍ ଆସୋସିଏସନ୍‌ର ସଭାପତି ଡା. ଶଙ୍କର ଆଚାର୍ଯ୍ୟ ଯୋଗ ଦେଇ କହିଲେ, ଏହି କର୍ମଶାଳା ଓଡ଼ିଶାରେ ବିଭିନ୍ନ ପ୍ରକାର ମେରୁଦଣ୍ଡ ରୋଗ ଓ ମେରୁଦଣ୍ଡ ଜନିତ ଆଘାତ ଚିକିତ୍ସା କ୍ଷେତ୍ରରେ ଏକ ନୂତନ ଦିଗ୍‌ଦର୍ଶନ ଦେବ। ଆୟୋଜକ କମିଟି ଅଧ୍ୟକ୍ଷ ଡା. ମଦନ ମୋହନ ସାହୁ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଆୟୋଜକ କମିଟିର ସମ୍ପାଦକ ଡା. ଜିତେନ୍ଦ୍ର କୁମାର ରାଉତ ସ୍ବାଗତ ଭାଷଣ ସହ ଧନ୍ୟବାଦ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ନଭେମ୍ବର ୬ ତାରିଖରେ କିମ୍ସ ଭୁବନେଶ୍ବରରେ ଡାକ୍ତରମାନଙ୍କ ପାଇଁ ଏକ ଲାଇଭ୍ ସର୍ଜରୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ବୋଲି ଆସୋସିଏସନ୍ ସମ୍ପାଦକ ଡା. ଗୌତମ୍ ଜାଭେରି ସୂଚନା ଦେଇଥିଲେ।




## ଭାଙ୍ଗିଲା କଳିଙ୍ଗ ବାଲିଯାତ୍ରା ମହୋତ୍ସବର ତୋରଣ

ପାରାଦୀପ,(ପି.ଏନ): ପାରାଦୀପର କଳିଙ୍ଗ ବାଲିଯାତ୍ରାର ଆୟୋଜନ ନିମନ୍ତେ ଏକ ସ୍ବାଗତ ତୋରଣ ବଡପଡିଆଠାରେ ନିର୍ମାଣ ହୋଇଥିଲା। ଏକ ଟ୍ରେଲର ଏହି ତୋରଣକୁ ଭାଙ୍ଗି ଦେଇଥିବା ଜଣାପଡିଛି । ଘଟଣାରୁ ପ୍ରକାଶଯେ, ବାଲିଯାତ୍ରାର ଆୟୋଜନ ଆଉ ଦୁଇ ଦିନ ଥିବା ବେଳେ ପାରାଦୀପର ଗଲ୍ଫ କୋର୍ସ ନିକଟରେ ଏହି ସ୍ବାଗତ ତୋରଣ ନିର୍ମାଣ କାର୍ଯ୍ୟ ସରିଥିଲା । ଶୁକ୍ରବାର ସଂଧ୍ୟାରେ ପାରାଦୀପରୁ ଏକ ଟ୍ରେଲରେ କ୍ରେନ୍‌ର ବକେଟ୍ ଲୋଡ୍ ହୋଇ ଯାଉଥିଲା । କୁମ୍ଭୀର ପାର୍କ ଅତିକ୍ରମ କରିବା ପରେ ଗଲ୍ଫ କୋର୍ସ ନିକଟରେ ତିଆରି ସରିଥିବା ବାଲିଯାତ୍ରାର ତୋରଣକୁ ଏହି ଟ୍ରେଲର ଉପରେ ଅଧିକ ଉଚ୍ଚରେ ବୋଝେଇ ହୋଇ ଯାଉଥିବା କ୍ରେନ୍ ର ବକେଟ୍ ଲାଗିଯିବାକୁ ତୋରଣକୁ ବହୁ ଦୂରକୁ ଟାଣି ନେଇଯାଇଥିଲା । ଟ୍ରେଲରର ଡ୍ରାଇଭରଙ୍କ ଅସାବଧାନତା ଯୋଗୁଁ ଏଭଳି ଦୂର୍ଘଟଣା ଘଟିଥିବା ଜଣାପଡିଛି।

## ଅଁଳା ନବମୀ ମହୋତ୍ସବରେ ମାଣ୍ଡିଆ ଷ୍ଟଲ୍ ପ୍ରଦର୍ଶିତ



ସାକ୍ଷୀଗୋପାଳ,(ପି.ଏନ): କୃଷି ଓଡ଼ିଶାର ଅର୍ଥନୀତିର ମାପକାଠି। ଓଡ଼ିଶା ସର୍ବଭାରତୀୟ ସ୍ତରରେ କୃଷିରେ ଉଲ୍ଲେଖନୀୟ ପାରଦର୍ଶିତା ପାଇଁ କୃଷିକର୍ମଣ ପୁରସ୍କାରରେ ପୁରସ୍କୃତ। ତେବେ ଆମ ରାଜ୍ୟରେ ବିଭିନ୍ନ ଫସଲ ଚାଷ କରାଯାଉଥିବା ବେଳେ ଏବେ ମାଣ୍ଡିଆର ଚାହିଦା ବେଶ ଅଧିକ। ୨୦୨୩କୁ ଆନ୍ତର୍ଜାତୀୟ ମାଣ୍ଡିଆ ବର୍ଷ ଭାବେ ଘୋଷଣା କରାଯାଇଥିବା ବେଳେ ନଭେମ୍ବର ୧୦କୁ ମାଣ୍ଡିଆ ଦିବସ ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସାକ୍ଷୀଗୋପାଳ ଠାରେ ଅଁଳା ନବମୀ ମହୋତ୍ସବରେ ।ୟାମଳ ସୁବର୍ଣ୍ଣ ଆଗ୍ରୋ ପ୍ରା . ଲି , ସତ୍ୟବାଦୀ କୃଷକ ଉତ୍ପାଦକ କମ୍ପାନୀ ଓ ଶ୍ରଦୀକ୍ଷା କଅଷକ ଉତ୍ପଦକ କମ୍ପାନୀ ର ମିଳିତ ସହଯୋଗରେ ମାଣ୍ଡିଆର ଷ୍ଟଲ୍ ପ୍ରଦର୍ଶନ କରାଯାଇଛି। ସତ୍ୟବାଦୀ ବିଧାୟକ ଶ୍ରୀଯୁକ୍ତ ଉମାକାନ୍ତ ସମାନ୍ତରାୟ ଷ୍ଟଲ୍‌ର ଭୂୟସୀ ପ୍ରଶଂସା କରିବା ସହ ରାଜ୍ୟ ସରକାରଙ୍କ ଓଡ଼ିଶା ମିଲେଟ ମିଶନ ଏବେ ଲୋକମାନଙ୍କ ପାଖରେ ବେଶ ଆଦୃତ ହୋଇପାରିଛି ବୋଲି କହିଛନ୍ତି। ଏଥିରେ ମାଣ୍ଡିଆ ଚୂନା, କାକରା , ଲଡୁ , କେକ୍ , ସୁପ୍ ପ୍ରଭୃତି ଖାଦ୍ୟ ସାମ୍ଗ୍ରୀ ଲୋକମାନଙ୍କ ପାଇଁ ପ୍ରଦର୍ଶିତ କରାଯାଇଥିଲା। ଶ୍ୟାମଳ ସୁବର୍ଣ୍ଣ ତରଫରୁ ନିର୍ଦ୍ଦେଶକ ଡ଼ି ଶୁଭମ୍ , ବିଜ୍ଞାନ ମିହିର ରାଉତ , ପ୍ରଜ୍ଞା , ଶୁଭ୍ରା ତଥା ସତ୍ୟବାଦୀ କୃଷକ ଉତ୍ପାଦକ କମ୍ପାନୀର ମୁଖ୍ୟ ଶ୍ରୀମତୀ ସଂଧ୍ୟାରାଣୀ ମହାନ୍ତି ଓ ଶ୍ରୀଦୀକ୍ଷାର କଅଷକ ଉତ୍ପାଦକ କମ୍ପାନୀର ମୁଖ୍ୟ ସବିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରଜନୀ, ସ୍ବସ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଆଦିବାସୀ ପରିବାରକୁ ଜମି ଯୋଗାଇଦେବାକୁ ଦାବି

ଫୁଲନଖରା, (ପି.ଏନ): କଟକ ଜିଲା ନିଆଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାରଙ୍ଗ ବ୍ଲକ ସାଇଁଶୋ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ୪୦/୫୦ ବର୍ଷ ଧରି ୧୦/୧୨ଟି ଆଦିବାସୀ ପରିବାର ଓ କୋକଲ ମୌଜା ୧୨ନମ୍ବର ୱାର୍ଡ଼ରେ ୧୫ ପରିବାର ବିଭିନ୍ନ ସମସ୍ୟା ମଧ୍ୟରେ ରହିଛନ୍ତି। ଏ ବିଷୟରେ ଅବଗତ ହୋଇ ଜାତୀୟ ମାନବ ଅଧିକାର ସାମ୍ମୁଖ୍ୟ ସଂଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ରମେଶ ଭାରତୀଙ୍କ ନେତୃତ୍ବରେ ଓ ସଂଖ୍ୟାଲଘୁ ସେଲ ରାଜ୍ୟ ସଂଯୋଜକ ଲାଲ ଖାଁଙ୍କ ତତ୍ତ୍ବାବଧାନରେ ଏକ ଟିମ ସମ୍ପୃକ୍ତ ଅଞ୍ଚଳ ଗସ୍ତ କରିଥିଲା। ଆଦିବାସୀଙ୍କୁ ସରକାରୀ ଆବାସ ଯୋଜନା ପ୍ରଦାନ କରାଯାଇନାହିଁ କିମ୍ବା ଶୌଚାଳୟ ମଧ୍ୟ ନାହିଁ। ସେମାନେ ରହୁଥିବା ଚାଳ ଛପର ଘର ଉପରେ ୧୧କେଭି ବିଦ୍ୟୁତ ତାର ଯାଇଥିବାରୁ ଆଦିବାସୀଙ୍କ ଜୀବନ ପ୍ରତି ବିପଦ ରହିଛି। ଏହି ସମସ୍ୟାର ସମାଧାନ ତଥା ଆଦିବାସୀଙ୍କୁ ଜମି ଯୋଗାଇଦେଇ ଥଇଥାନ କରିବାକୁ ସଂଗଠନ ପକ୍ଷରୁ ତହସିଲଦାର, ବିଡ଼ିଓ ଏବଂ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଂଯୋଜିକା ଶୁଭସ୍ମିତା ଆଚାର୍ଯ୍ୟ, ନିଆଳି ବ୍ଲକ ସଂଯୋଜକ ଅନ୍ତର୍ଯ୍ୟାମୀ ବେହେରା, କଣ୍ଠାପଡ଼ା ବ୍ଲକ ସଂଯୋଜକ ସମୀରରଂଜନ ମଲିକ ଏବଂ ବାରଙ୍ଗ ବ୍ଲକ ସଂଯୋଜକ ପବିତ୍ରମୋହନ ବେହେରା ଏବଂ ସହ ସଂଯୋଜକ ମହମ୍ମଦ ରିଆଜୁଆନ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଇ ଦିନ ପରେ କଳିଙ୍ଗ ବାଲିଯାତ୍ରା ମହୋତ୍ସବ - ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

ପାରାଦୀପ,(ପି.ଏନ): ପାରାଦୀପଠାରେ ନଭେମ୍ବର ମାସ ୭ ତାରିଖରୁ ୮ ଦିନ ବ୍ୟାପି ଆୟୋଜିତ ହେଉଥିବା କଳିଙ୍ଗ ବାଲିଯାତ୍ରାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଛି । କଳିଙ୍ଗ ବାଲିଯାତ୍ରା କମିଟିର ଅଧ୍ୟକ୍ଷା ତଥା ଜିଲ୍ଲାପାଳ ପାରୁଲ ପଟଓାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ବାବଧାନରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ତଥା କମିଟିର ଉପାଧ୍ୟକ୍ଷ ଡ.କାହ୍ନୁ ଚରଣ ଧୀର, ପୌରାଧ୍ୟକ୍ଷ ବସନ୍ତ ବିଶ୍ବାଳ ଓ କମିଟିର ଅନ୍ୟ ସଭ୍ୟମାନଙ୍କ ସହଯୋଗରେ ଚଳିତ ବର୍ଷର ବାଲିଯାତ୍ରାକୁ ଆକର୍ଷଣୀୟ କରିବା ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି । ଚଳିତ ବର୍ଷ ପଲ୍ଲିଶ୍ରୀ ମେଳାରେ ଦୁଇ ଶହ ଷ୍ଟଲ ନିର୍ମାଣ ହୋଇଥିବା ବେଳେ ଛଅ ଶହ ଅନ୍ୟ ଷ୍ଟଲ ରହିଛି । ପ୍ରତିଦିନ ସଂଧ୍ୟାରେ ମନୋରଂଜନ କାର୍ଯ୍ୟକ୍ରମର ବ୍ୟବସ୍ଥା ହୋଇଛି ଯେଉଁଥିରେ ପ୍ରତିଷ୍ଠିତ କଳାକାରମାନେ ସେମାନଙ୍କର କଳାନୈପୁଣ୍ୟତା ପ୍ରଦର୍ଶନ କରିବେ । ଚଳିତ ବର୍ଷ ଭିଡକୁ ଲକ୍ଷ୍ୟ ରଖି ପ୍ରଶାସନ ପକ୍ଷରୁ ସମୁଦ୍ର କୂଳରେ ଲାଇଫ ଗାର୍ଡ ମୁତୟନ କରାଯାଉଛି । ଆପାତକାଳୀନ ଦୁର୍ଘଟଣା ପାଇଁ ବାଲିଯାତ୍ରା କମିଟି ପକ୍ଷରୁ ସାଧାରଣ ବୀମାର ବ୍ୟବସ୍ଥା କରାଯାଇଥିବା କମିଟିର ଉପାଧ୍ୟକ୍ଷ ଡ.ଧୀର କହିଛନ୍ତି । ଆଠ ଦିନ ବ୍ୟାପି ହେବାକୁ ଥିବା ଏହି ମହୋତ୍ସବରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ୭ ପ୍ଲାଟୁନ ପୋଲିସ୍ ଫୋର୍ସ, ୨୦ଜଣ ପୋଲିସ୍ ଅଫିସରଙ୍କୁ ମତୟନ କରାଯିବ ବୋଲି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନିମାଇଁ ଚରଣ ସେଠୀ ସୂଚନା ଦେଇଛନ୍ତି । ଅନୁକୂଳ ପାଗ ଥିବାରୁ ପାରାଦୀପ ସମେତ ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର,ପୁରୀ ଜିଲ୍ଲାରୁ ଦର୍ଶକମାନେ ଏହି ମହୋତ୍ସବ ଦେଖିବାକୁ ଆସିବେ। ମହୋତ୍ସବ ଦେଖିବା ସମେତ ବିଭିନ୍ନ ଘରକରଣା ସାମଗ୍ରୀ କିଣିବାର ସୁଯୋଗ ମିଳିବ । କରୋନା କଟକଣା ପାଇଁ ଦୁଇ ବର୍ଷ ହେବ ବାଲିଯାତ୍ରା ମହୋତ୍ସବ ବନ୍ଦ ରହିଥିଲା।




## ମହାପଞ୍ଚକରେ ପ୍ରାଚୀତଟ ଉତ୍ସବ ମୁଖର

କାକଟପୁର,(ପିଏନ ଏ): ଧର୍ମ ମାସ କାର୍ତ୍ତିକ ର ଶେଷ ପାଞ୍ଚଦିନ (କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ)କୁ ପବିତ୍ର ପଞ୍ଚକ ଭାବେ ପାଳନ କରାଯାଏ । ଏହା ମହାପଞ୍ଚକ, ବକପଞ୍ଚକ, ଭୀଷ୍ମପଞ୍ଚକ ବା ବିଷ୍ଣୁ ପଞ୍ଚକ ଭାବେ ମଧ ଜଣାଶୁଣା । ଯେଉଁମାନେ କାର୍ତ୍ତିକ ମାସ ସାରା ହବିଷ୍ୟ କରିପାରନ୍ତି ନାହିଁ, ସେମାନେ ଏହି ପାଞ୍ଚଦିନ ହବିଷ୍ୟ ପାଳନ କରନ୍ତି । ଅନେକ ଅଁଳା ନବମୀ, ରାଧାପାଦ ଦର୍ଶନ ଦିବସ ଠାରୁ ସାତଦିନ ହବିଷ୍ୟ କରନ୍ତି । ଏହି ପାଞ୍ଚଦିନ ହିନ୍ଦୁମାନେ ଆମିଷ ପରିତ୍ୟାଗ କରି ଶୁଦ୍ଧ, ସାତ୍ତ୍ୱିକ ଖାଦ୍ୟ ଭୋଜନ କରନ୍ତି । ଏହି ପଞ୍ଚକ ରେ ବକମାନେ ମଧ ଆମିଷ ଭୋଜନ ରୁ ନିବୃତ୍ତ ରୁହନ୍ତି ବୋଲି କଥିତ ଅଛି । ତେଣୁ ଏହାକୁ 'ବକ ପଞ୍ଚକ' ମଧ କୁହାଯାଇଥାଏ। ଶରଶଯ୍ୟା ଉପରେ ଶାୟିତ ପିତାମହ ଭୀଷ୍ମ ରାଜଧର୍ମ, ମୋକ୍ଷଧର୍ମ, ଦାନଧର୍ମ ବର୍ଣ୍ଣନା କରିଥିଲେ, ଯାହାକୁ ପାଣ୍ଡବମାନଙ୍କ ସହିତ ଭଗବାନ ଶ୍ରୀକୃଷ୍ଣ ମଧ ଶୁଣିଥିଲେ । ଏଥିରେ ପ୍ରସନ୍ନ ହୋଇ ଶ୍ରୀ ବାସୁଦେବ କହିଲେ ଆପଣ ଧନ୍ୟ । ଧର୍ମର ଗୂଢ଼ ରହସ୍ୟ ବର୍ଣ୍ଣନା କରିଛନ୍ତି । କାର୍ତ୍ତିକ ଏକାଦଶୀ ଦିନ ତମେ ଜଳର ଇଚ୍ଛା କରିଛ । ଅର୍ଜୁନ ବାଣ ଦ୍ୱାରା ଗଙ୍ଗାଜଳ ପ୍ରସ୍ତୁତ କଲେ, ଯଦ୍ୱାରା ତମର ତନ, ମନ, ପ୍ରାଣ ସନ୍ତୁଷ୍ଟ ହେଲା । ଏଣୁ ଆଜିଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଞ୍ଚଦିନ ଯେଉଁମାନେ ତୁମକୁ ଜଳ ଅର୍ଘଦାନ କରିବେ- ସେମାନେ ମୋତେ ତୃପ୍ତକରିବେ । ଏହା ହେଉଛି ଭୀଷ୍ମପଞ୍ଚକ- ପ୍ରତିବର୍ଷ ପାଳିତ ହେବ । ସାଧାରଣତଃ ସନ୍ତାନପ୍ରାପ୍ତି ଉଦ୍ଦେଶ୍ୟରେ ଅନେକ ଏହି ଭୀଷ୍ମପଞ୍ଚକ ବ୍ରତ ପାଳନ କରନ୍ତି ଓ ଏହି ପଞ୍ଚକରେ ତେତିଶ କୋଟି ଦେବତା ମନୁଷ୍ୟମାନଙ୍କର ସନ୍ନିକଟ ହୋଇଯାନ୍ତି ଓ ଏହି ସମୟରେ ଏକଲକ୍ଷ ତୁଳସୀପତ୍ର ଚଢ଼ାଇ ବିଷ୍ଣୁଙ୍କୁ ପୂଜାକଲେ, ସମସ୍ତ ଦେବତା ପ୍ରସନ୍ନ ହୋଇ ବର ପ୍ରଦାନକରନ୍ତି ଓ " ସର୍ବଦେବ ନମସ୍କାରଃ କେଶବଂ ପ୍ରତିଗଚ୍ଛତି ଓ" ଭଗବାନ୍ ବିଷ୍ଣୁ ଇପ୍ସିତ ବର ପ୍ରଦାନ କରନ୍ତିପଞ୍ଚକର ଶେଷ ତିନିଦିନ ତ୍ରୟୋଦଶୀ, ଚତୁର୍ଦ୍ଦଶୀ, ପୂର୍ଣ୍ଣିମା- ଅତ୍ୟନ୍ତ ପୂଣ୍ୟମୟ ତିଥି ।ପ୍ରେତପୁରୁଷ ଓ ପିତୃପୁରୁଷଙ୍କୁ ପଥ ପ୍ରଦର୍ଶନ ତଥା ସେମାନଙ୍କ ଅନ୍ଧକାରାଚ୍ଛନ୍ନ ଦୁର୍ଗମପଥକୁ ଉଜ୍ଜଳ କରିବା ସକାଶେ ପ୍ରତ୍ୟେକ ଗ୍ରାମରେ ଆକାଶଦୀପ ପ୍ରତିଷ୍ଠା କରାଯାଇଥାଏ ଓ ଏହି ଧର୍ମମାସର ପ୍ରତ୍ୟେକ ଦିନ ପର୍ବର ଦିନ । ଦିନେ ଦଣ୍ଡକାରଣ୍ୟରେ ଋଷିମୁନିମାନେ ରାମରୂପ ଦର୍ଶନରେ ପ୍ରଲୁବ୍ଧ ହୋଇଥିଲେ ଓ ଭଗବାନ ରାମ ବର ପ୍ରଦାନ କରିଥିଲେ- ଦ୍ୱାପର ଯୁଗରେ ତମେ ସବୁ ଗୋପୀ ହୋଇ ମୋତେ କୃଷ୍ଣ ରୂପରେ ପ୍ରାପ୍ତ ହେବ କ୍ଷ କୃଷ୍ଣ ପ୍ରାପ୍ତି ଆଶାରେ ଏହି ଗୋପୀ ମାନେ କାର୍ତ୍ତିକ ମାସ ସାରା ପ୍ରତ୍ୟୁଷରୁ ସ୍ନାନ କରି ନଦୀ, ସମୁଦ୍ର, ପୁଷ୍କରଣୀ, ଝରଣା ତଟରେ ବାଲିରେ କୃଷ୍ଣମୂର୍ତ୍ତି ସ୍ଥାପନ କରି, ପୁଷ୍ପଚନ୍ଦନ ହୁଳହୁଳି ଦାନପୂର୍ବକ, କୃଷ୍ଣ ତୁଲ୍ୟ ପତି ପ୍ରାପ୍ତ୍ୟର୍ଥ କାର୍ତ୍ତିକ ବ୍ରତ ପାଳନ କରୁଥିଲେ ଓ ସେ ପରମ୍ପରା ଏବେ ମଧ ଅନୁସୃତ । ବିଧବା ମହିଳା ଓ ଧର୍ମ ପରାୟଣ ବ୍ୟକ୍ତି ମାନେ ମାସ ସାରା ରାଇ ଦାମୋଦର ପୂଜା ଚଉରା ମୂଳରେ କରିଥାଆନ୍ତି । ପଞ୍ଚୁକ ପାଞ୍ଚ ଦିନ ମଠ,ମନ୍ଦିର ମାନଙ୍କରେ ରାସ ଉତ୍ସବ ପାଳିତ ହୋଇଥାଏ। ସଂଧ୍ୟାରେ ପୂଜା ପାଉଥିବା ରାଧା କୃଷ୍ଣ ଙ୍କୁ ମନ୍ଦିର ରୁ ଶୋଭାଯାତ୍ରା ରେ ଅଣାଯାଇ ପୂର୍ବରୁ ପ୍ରସ୍ତୁତ କୁଞ୍ଜ ରେ ଉପବେସନକରାଯାଏ। ତାଙ୍କ ସମ୍ମୁଖ ରେ ଶରଦ ରାସ ପୁସ୍ତକ ର ଗୋଟିଏ ଗୋଟିଏ ଅଧ୍ୟାୟ ସବୁଦିନ ପାଠ କରାଯାଇ ଥାଏ। ଶେଷରେ ବାଳ ଭୋଗ, ଆଳତୀ ଅନୁଷ୍ଠିତ ହୋଇ ଠାକୁର ମାନଙ୍କୁ କୁଞ୍ଜ ରୁ ସ୍ୱ ମନ୍ଦିର କୁ ନିଆଯାଇଥାଏ। କାର୍ତ୍ତିକ ପୂର୍ଣ୍ଣିମା ଦିନ ରାସ ଉତ୍ସବ ସମାପନ ହୋଇଥାଏ।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray